
ଧରିତ୍ରୀ
DHARITRI
September 29 - October 5, 2024 ₹ 2/-
ଧରିତ୍ରୀ 50 Years

# ଛୁଟିଦିନ

## ଓଡ଼ିଶାରେ
# ଗାନ୍ଧୀ ମନ୍ଦିର


ପ୍ରଚ୍ଛଦ ପ୍ରସଙ୍ଗ
୩

**ଜାତିର ପିତା ମହାତ୍ମାଗାନ୍ଧୀ ସ୍ୱାଧୀନତା ଆନ୍ଦୋଳନ ସମୟରେ ଏକାଧିକଥର ଓଡ଼ିଶା ଆସିଥିଲେ। ସେଇ ସ୍ମୃତିକୁ ଉଜ୍ଜୀବିତ ରଖିବା ପାଇଁ ଓଡ଼ିଶାର ବିଭିନ୍ନ ସ୍ଥାନରେ ନିର୍ମାଣ ହୋଇଛି ଗାନ୍ଧୀ ମନ୍ଦିର...**



# ଫଟୋ ବି ବଦଳାଇପାରେ ଭାଗ୍ୟ

ପ୍ରତ୍ୟେକ ବ୍ୟକ୍ତିଙ୍କର ସମସ୍ୟା ଭିନ୍ନ ଭିନ୍ନ ହୋଇଥାଏ। କାହାର ଚାକିରିକୁ ନେଇ ଟେନ୍‌ସନ୍ ରହିଥାଏ ତ କାହାର ବିଜ୍‌ନେସ୍‌କୁ ନେଇ। ପୁଣି କିଏ ପଇସାପତ୍ର ପାଇଁ ଅବସାଦରେ ରହିଥାଏ ତ କାହାର ପାରିବାରିକ ସମସ୍ୟା ମୁଣ୍ଡବିନ୍ଧାର କାରଣ ସାଜିଥାଏ। କିନ୍ତୁ ଏସବୁ ସମସ୍ୟାରୁ ବି ମୁକ୍ତି ପାଇହେବ; ତାହା ପୁଣି ସାମାନ୍ୟ କେତୋଟି ଫଟୋ ପାଇଁ, କେମିତି ଜାଣନ୍ତୁ ...



* ଘରେ ପଇସାପତ୍ରକୁ ନେଇ ସମସ୍ୟା ଉପୁଜୁଥିଲେ, ଘରର ଉତ୍ତର-ପୂର୍ବ କାନ୍ଥରେ ବୋହିଯାଉଥିବା ଝରଣାର ଫଟୋ ଲଗାଇଲେ ଶୁଭଫଳ ମିଳିଥାଏ।
* ଘରର ଡ୍ରଇଁ ରୁମ୍‌ରେ ଶସ୍ୟଶ୍ୟାମଳାଭରା ଗଛଲତାର ଫଟୋ ଲଗାଇଲେ ଏହା ସୌଭାଗ୍ୟକୁ ଆମନ୍ତ୍ରିତ କରିବା ସହ ଘରେ ସକାରାତ୍ମକ ଊର୍ଜ୍ଜାକୁ ବଢାଇଥାଏ।
* ଘରର ପ୍ରବେଶ ଦ୍ୱାର ନିକଟରେ ସୂର୍ଯ୍ୟୋଦୟର ଫଟୋ ଲଗାଇଲେ ଏହା ପରିବାରର ସମ୍ମାନକୁ ବୃଦ୍ଧି କରିବାରେ ସହାୟକ ହୋଇଥାଏ।
* ଘରର ଦକ୍ଷିଣ-ପୂର୍ବ କାନ୍ଥରେ ମାତା ଲକ୍ଷ୍ମୀଙ୍କ ଫଟୋ ଲଗାଇଲେ ପରିବାରର ଶ୍ରୀ ବୃଦ୍ଧି ହୋଇଥାଏ ବୋଲି ବିଶ୍ୱାସ କରାଯାଏ।
* ଘରର ବୈଠକଖାନା; ଯେଉଁଠି ପରିବାରର ମୁଖ୍ୟମାନେ ବସି କୌଣସି ଗୁରୁତ୍ୱପୂର୍ଣ୍ଣ ନିଷ୍ପତି ନେଇଥାନ୍ତି, ସେଠାରେ ଉଚ୍ଚ ଗିରିଶୃଙ୍ଗର ଫଟୋ ଲଗାଇଲେ ଯାହାବି ନିଷ୍ପତି ହୋଇଥାଏ ତାହା ସମସ୍ତଙ୍କ ହିତ ପାଇଁ ହୋଇଥାଏ।
* ଡ୍ରଇଂ ରୁମ୍‌ରେ ଧଳା ଘୋଡା ଦୌଡୁଥିବାର ଫଟୋ ଲଗାଇଲେ, ପରିବାରରେ ସୁଖଶାନ୍ତି ବଢେ।
* ପିଲାଙ୍କର ପଢାରେ ମନ ଲାଗୁ ନଥିଲେ, ସେମାନଙ୍କ ଷ୍ଟଡି ଟେବୁଲ ପାଖରେ ବଗଟି ମାଛକୁ ଧ୍ୟାନର ସହ ଦେଖୁଥିବାର ଫଟୋ ଲଗାଇବା ଶୁଭ ହୋଇଥାଏ।

## ଏ ସପ୍ତାହର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର

ସେପ୍ଟେମ୍ବର ୨୯- ଅକ୍ଟୋବର ୫

**ମେଷ**
ମାନସିକ ଅସୁସ୍ଥତା, ପରିଜନଙ୍କ ସହାନୁଭୂତି, ସରକାରୀ ସହାୟତା, ପାରିବାରିକ ମତାନ୍ତର, ବିବାଦର ସମାଧାନ, ବ୍ୟବସାୟରେ ଉନ୍ନତି, ବନ୍ଧୁଙ୍କ ସାହାଯ୍ୟ, ଭ୍ରମଣର ସୁଯୋଗ, ଆରୋଗ୍ୟ ଲାଭ ॥

**ବୃଷ**
ନୂତନ କର୍ମାରମ୍ଭ, ଆର୍ଥିକ ଉନ୍ନତି, ପାରିବାରିକ କଳହ, ନିୟନ୍ତ୍ରିତ ସ୍ୱାସ୍ଥ୍ୟ, ପରିବହନରୁ ଲାଭ, ବାଣିଜ୍ୟର ଅଭିବୃଦ୍ଧି, ପରୋକ୍ଷ ଶତ୍ରୁତା, ଗବେଷଣାରେ ଅଗ୍ରଗତି, ରଚନାତ୍ମକ କାମରୁ ପ୍ରଶଂସା , ବୃଥା ସନ୍ଦେହ, କର୍ମକ୍ଷେତ୍ରରେ ଦକ୍ଷତା ବୃଦ୍ଧି,ଶୁଭ ଖବର ପ୍ରାପ୍ତି ॥

**ମିଥୁନ**
ସ୍ୱାସ୍ଥ୍ୟଗତ ବୈଷମ୍ୟ, ନୂତନ ବନ୍ଧୁତ୍ୱର ବନ୍ଧନ, ଯାନ ବାହାନ ଲାଭ, ଅଳଙ୍କାର, ବସ୍ତ୍ରଭୂଷଣାଦି କ୍ରୟ, ସାଙ୍ଗଠନିକ କାର୍ଯ୍ୟାରମ୍ଭ, ନୂତନସ୍ଥାନ ଭ୍ରମଣ, ସଭା ସମିତିକୁ ଆହ୍ୱାନ, କାର୍ଯ୍ୟହାନୀରୁ କ୍ଷୋଭ ॥

**କର୍କଟ**
ମାନସିକ ଚାପବୃଦ୍ଧି, ପାରିବାରିକ ଶୃଙ୍ଖଳା, ସହକର୍ମୀଙ୍କ ଅସହଯୋଗ, ଅର୍ଥନୈତିକ ଆଇନଗତ ସାହାଯ୍ୟପ୍ରାପ୍ତି, ପଦସ୍ଥବ୍ୟକ୍ତିଙ୍କ ସହଯୋଗ,ସୁସମ୍ପର୍କ ବ୍ୟାହତ, ସଙ୍କୁଚିତ ବ୍ୟବସାୟ, ସ୍ୱଜନଙ୍କ ପରଶ୍ରୀକାତରତା, ଇର୍ଷାପରାୟଣତାରୁ ଅସୁବିଧା ॥

**ସିଂହ**
ଅତୀତ ସମସ୍ୟାରୁ ଦୁଃଶ୍ଚିନ୍ତା,ବନ୍ଧୁଙ୍କ ମିଥ୍ୟାଭିଯୋଗ, ଶିଳ୍ପବାଣିଜ୍ୟରେ ଅଭିବୃଦ୍ଧି, ଶେୟାର ବଜାରରୁ ଲାଭ, ମାଲିମକଦ୍ଦମାରେ ବିଜୟ, ବ୍ୟୟ ବୃଦ୍ଧି, ପ୍ରତିରୋଧ ହଟିବ, ସହକର୍ମୀଙ୍କ ଦୌରାତ୍ମ୍ୟ, ପଡୋଶୀଙ୍କ ଅସହିଷ୍ଣୁ ବାକ୍ୟରୁ କଷ୍ଟ ॥

**କନ୍ୟା**
ସ୍ଥଗିତ କାର୍ଯ୍ୟାରମ୍ଭ, ଗୁରୁତ୍ୱପୂର୍ଣ୍ଣ ନିଷ୍ପତି ନେବେ, ଶିକ୍ଷାରେ ଉନ୍ନତି, ଗବେଷଣାରେ ପ୍ରତିବନ୍ଧକ, ବନ୍ଧୁ ଦୂରେଇଯିବେ, ବିଦେଶ ଯାତ୍ରାର ସୁଯୋଗ, ପାରିବାରିକ ମତାନ୍ତର, ପ୍ରଶାସନିକ ବିଶୃଙ୍ଖଳା, ଆଇନ ସହାୟତା ପ୍ରାପ୍ତି, ଏଜେନ୍ସିପ୍ ବୃଦ୍ଧି ଘଟିବ ॥

**ତୁଳା**
ସମସ୍ୟାର ସମାଧାନ, କର୍ମ ସମ୍ପାଦନ କରିବେ, ଲକ୍ଷ୍ୟପୂରଣ କରିବେ, ଶାରୀରିକ ଦୁର୍ବଳତା, ମନୋରଞ୍ଜନର ମଉକା, ଯାନ୍ତ୍ରିକ ଜିନିଷ କ୍ରୟ, ରଚନାତ୍ମକ କାର୍ଯ୍ୟ, ଆନୁଷ୍ଠାନିକ କାମରେ ଅଗ୍ରଣୀ, ଶିଳ୍ପବାଣିଜ୍ୟରେ ଉନ୍ନତି, ଜମିଜମା ବିବାଦ ॥

**ବିଛା**
ଶାରୀରିକ ସୁସ୍ଥତା, ଆତ୍ମୀୟ ମାନଙ୍କ ଆତ୍ମୀୟତା, ବିଷମ ପରିସ୍ଥିତିର ତାଡନା, ବୈପ୍ଳବିକ ଚିନ୍ତାଧାରା, ପରିବହନରେ ଉନ୍ନତି, ନୂତନ ପ୍ରକଳ୍ପାରମ୍ଭ, ପାରିବାରିକ ଆଲୋଚନା, ସମସ୍ୟାର ସମାଧାନ, କ୍ରୀଡା ଚଳଚ୍ଚିତ୍ରରେ ପ୍ରଶଂସା ॥

**ଧନୁ**
କର୍ମକ୍ଷେତ୍ରରେ ସମନ୍ୱୟର ଅଭାବ, ବିରୋଧୀଙ୍କ ପ୍ରାବଲ୍ୟ, ଅନୈତିକ ଚିନ୍ତା ଓ ଚେତନା, ମାନସିକ ଅସ୍ଥିରତା, ଭାବପ୍ରବଣତା ବୃଦ୍ଧି, ଅର୍ଥନୈତିକ ଅଭିବୃଦ୍ଧି, ସାମାଜିକ ସମ୍ମାନ, ସାଂଗଠନିକ ସଭା, ପାରିବାରିକ ଶାନ୍ତି, ବନ୍ଧୁ ସମ୍ପର୍କ ଫିକା ପଡିବ, ସଙ୍ଗୀତ ଆସର ଜମିପାରେ, ଭ୍ରମଣ ଯୋଗ ॥

**ମକର**
ଅର୍ଥର ପ୍ରାଚୁର୍ଯ୍ୟରୁ ଆନନ୍ଦ, ବିବାଦରେ ବିଜୟ, ପ୍ରତିଦ୍ୱନ୍ଦ୍ୱିତାରେ ସଫଳତା, ନୂତନ ଯୋଜନାରମ୍ଭ, ବ୍ୟବସାୟିକ ଉତ୍କର୍ଷତା, ଦୂରଯାତ୍ରାର ଯୋଜନା, କର୍ମକ୍ଷେତ୍ରରେ ପ୍ରତିଷ୍ଠା, ମନ ପ୍ରଫୁଲ୍ଲିତ ରହିବ, କଚେରୀ ମାମଲାରେ ଦୁଃଶ୍ଚିନ୍ତା, ପ୍ରକାଶନରେ ସମସ୍ୟା ॥

**କୁମ୍ଭ**
ଦୀର୍ଘବିବାଦର ଫଇସଲା, ଆର୍ଥିକ ପ୍ରଗତି, ନୂତନ ଗୃହାରମ୍ଭ, ଜମିଜମା ସୀମା ବିବାଦ, ବ୍ୟବସାୟରେ ଲାଭ, ସରକାରୀ ସହାୟତା, ପରୀକ୍ଷାରେ ସଫଳତା, ଅନୁସନ୍ଧାନରେ ଅଗ୍ରଗତି, ନିର୍ମାଣ କ୍ଷେତ୍ରରେ ଦ୍ୱନ୍ଦ୍ୱ, ଆତ୍ମୀୟଙ୍କ ବେଖାତିର ॥

**ମୀନ**
ପରୋକ୍ଷ ଶତ୍ରୁତା, କାମ ସ୍ଥଗିତ ରହିବନି, ସ୍ୱାସ୍ଥ୍ୟରେ ଉନ୍ନତି, ଆର୍ଥିକ ପ୍ରଗତି, ଗୁରୁଜନଙ୍କ ପରାମର୍ଶ, ସହକର୍ମୀଙ୍କ ସହଯୋଗ, ପରିବାରର ଖର୍ଚ୍ଚଭାର ବୃଦ୍ଧି, ନୂତନ ବନ୍ଧୁ ସମ୍ପର୍କ, ସାହିତ୍ୟକୃତିରୁ ପ୍ରଶଂସା , ଚଳଚ୍ଚିତ୍ରରେ ପ୍ରଶଂସା, ନିଜ ପରିସରରେ ପ୍ରତିଷ୍ଠା ବୃଦ୍ଧି ॥

# ଉପକାରୀ ସିଝା ଚିନାବାଦାମ



ଚିନାବାଦାମ ଖାଇବା ଅନେକଙ୍କର ପସନ୍ଦ। ତେବେ ଭଜା ଚିନାବାଦାମ ତୁଳନାରେ ସିଝା ଚିନାବାଦାମ ଖାଇଲେ ଶରୀରକୁ ଅନେକ ଉପକାର ମିଳିଥାଏ। ପ୍ରଥମତଃ ଭଜା ଚିନାବାଦାମ ତୁଳନାରେ ଏହା ସେତେ ବେଶୀ ଗ୍ୟାସ ସମସ୍ୟା ସୃଷ୍ଟି କରେନାହିଁ। ଦ୍ୱିତୀୟତଃ ଚିନାବାଦାମକୁ ସିଝାଇ ଖାଇଲେ ଏହା କମ୍ପ୍ଲିଟ୍ ମିଲ୍‌ର କାମ ଦେଇଥାଏ। ଅର୍ଥାତ୍ ସିଝା ଚିନାବାଦାମରୁ କିଛି ଖାଇଦେଲେ କିଛି ସମୟ ପାଇଁ ଏହା ଭୋକକୁ ନିୟନ୍ତ୍ରଣ କରିଥାଏ। ତା'ଛଡ଼ା ଭଜା ଚିନାବାଦାମ ତୁଳନାରେ ସିଝା ଚିନାବାଦାମରେ ଆଣ୍ଟି ଅକ୍ସିଡାଣ୍ଟ ଗୁଣ ଟିକେ ଅଧିକ ରହୁଥିବାରୁ, ଏହା ଶରୀରରେ ରୋଗପ୍ରତିରୋଧକ ଶକ୍ତି ବଢାଇବାରେ ସହାୟକ ହୋଇଥାଏ। ତା'ଛଡ଼ା ଶରୀରର ଓଜନ କମ୍ କରାଇବାରେ ବି ଏହା ବେଶ୍ ସହାୟକ ହୋଇଥାଏ। କୁହାଯାଏ, ଗୁଡ଼ ସହିତ ସିଝା ଚିନାବାଦାମ ଖାଇଲେ ଏହା ଆଣ୍ଠୁଗଣ୍ଠି ଦରଜ ସମସ୍ୟାରୁ କେତେକାଂଶରେ ମୁକ୍ତି ଦେଇଥାଏ। ଦୃଷ୍ଟିଶକ୍ତିକୁ ପ୍ରଖର କରିବା ଓ ହାର୍ଟ ପାଇଁ ବି ଏହାକୁ ଖାଇଲେ ଉପକାର ମିଳିଥାଏ। ଶରୀରରେ ରକ୍ତର ପରିମାଣ କମ୍ ଥିଲେ କିମ୍ବା ବ୍ଲଡ୍ ସୁଗାରକୁ ନିୟନ୍ତ୍ରଣରେ ରଖିବାର ଥିଲେ ଅଥବା ସ୍ମରଣଶକ୍ତିକୁ ବଢାଇବାର ଥିଲେ ସିଝା ଚିନାବାଦାମ ଖାଇବା ଲାଭଦାୟକ ହୋଇଥାଏ।

# ପାଠକୀୟ

* ପହିଲି ବର୍ଷାର ଛିଟା ଯେବେ ଓଦା କରେ ଧରାବକ୍ଷକୁ, ସେତେବେଳେ ଆଖି ଖୋଜିବୁଲେ ସେଇ କ୍ଷୁଦ୍ର ସୁନ୍ଦର ପୋକକୁ, ଯାହା ଜନମାନସରେ 'ସାଧବବୋହୂ' ଭାବେ ବେଶ୍ ପରିଚିତ। ହେଲେ ଆଜିର ପରିବର୍ତ୍ତିତ ଜଳବାୟୁ ଓ ଦୂଷିତ ପରିବେଶ ଲାଗି ଯେତେ ଖୋଜିଲେ ବି ଆଉ ମିଳୁନାହାନ୍ତି ସୃଷ୍ଟିର ଏହି ସୁନ୍ଦର ବିସ୍ମୟ। ତେଣୁ ଏଭଳି ଏକ ସମୟୋପଯୋଗୀ ବିଷୟକୁ ନେଇ ଉପସ୍ଥାପନା ହୋଇଥିବା ପ୍ରଚ୍ଛଦ ପ୍ରସଙ୍ଗ 'ସାଧବ ବୋହୂ' ଆଲେଖ୍ୟଟି ବେଶ୍ ମନଛୁଆଁ ହୋଇଥିଲା। 'ମୁଖ ଦୁର୍ଗନ୍ଧ ଦୂର ପାଇଁ', 'ନୂଆ ଝୁଣ୍ଟିଆ କେଉଁଦିନ ପିନ୍ଧିବେ' ଆଦି ପାଠରୁ ବହୁ ଉପାଦେୟ କଥା ଜାଣିହେଲା। **– ଜ୍ୟୋତିରଞ୍ଜନ ମହାନ୍ତି, ଭଦ୍ରକ**
* ଲାଲ୍ ଟୁକ୍ ଟୁକ୍ ରଙ୍ଗ। ମଖମଲୀ ଶରୀର। ମନ ମୋହିଲା ଭଳି ରୂପ। କହିବାକୁ ଗଲେ ସ୍ରଷ୍ଟାଙ୍କର ସୁନ୍ଦର କାରିଗରି ହେଉଛି ଏହି କ୍ଷୁଦ୍ର ଜୀବ। ନାଁଟି ତା'ର ସାଧବବୋହୂ। କାହାରି କିଛି କ୍ଷତି କରୁ ନଥିବା, ମନରେ ହରସ ଭରୁଥିବା ଏହି ସୁନ୍ଦର କ୍ଷୁଦ୍ର ଜୀବଟି ଏବେ କିନ୍ତୁ ବିଲୁପ୍ତ ପଥରେ; ଯାହାକୁ ନେଇ ସ୍ୱତନ୍ତ୍ର ଭାବେ ଉପସ୍ଥାପନା କରାଯାଇଥିବା ଏଥରର ଛୁଟିଦିନର ପ୍ରଚ୍ଛଦ ପ୍ରସଙ୍ଗଟି ବେଶ୍ ନିଆରା ଲାଗୁଥିଲା। ଲାଇଫ୍ ଷ୍ଟାଇଲ୍ ପୃଷ୍ଠାରୁ 'ବୋଟ୍ ନେକ୍ କୁର୍ତ୍ତି ଫ୍ୟାଶନ' ସମ୍ପର୍କରେ ବହୁ ଅଜଣା କଥା ଜାଣି ଖୁସି ଲାଗିଲା। **– ବାବାମଣୀ ମିଶ୍ର, ଫୁଲନଖରା, କଟକ**
* ବ୍ୟକ୍ତିତ୍ୱ ପୃଷ୍ଠାରୁ ଚିତ୍ରଶିଳ୍ପୀ ଜ୍ୟୋତିର୍ମୟ ପଟ୍ଟନାୟକଙ୍କ ଜୀବନି ସମ୍ପର୍କରେ ବହୁ ଅଜଣା କଥା ଜାଣିହେଲା। ସୃଜନ ପୃଷ୍ଠାରେ ସ୍ଥାନିତ 'କୁହୁଡ଼ି ଘର' ଶୀର୍ଷକ ଗପଟି ବି ମନଛୁଆଁ ଥିଲା। ସିନେମା ପୃଷ୍ଠାଟି ଆକର୍ଷଣୀୟ ଲାଗୁଥିଲା। ଏଥିରେ ସ୍ଥାନିତ 'ଅନୁତାପ କରୁଛନ୍ତି ରାଣୀ', 'ଆଶିକୀ-୨ ହିଟ୍ ହୋଇ ନଥିଲେ' ଆଦି ପାଠଗୁଡ଼ିକ ବେଶ୍ ନିଆରା ଥିଲା। **– ଯାଜ୍ଞସେନୀ ଧଳ, ମୟୂରଭଞ୍ଜ**
* ସାହିତ୍ୟିକ ଲଳିତ ମୋହନ ମିଶ୍ରଙ୍କ ପ୍ରଥମ ରୋଜଗାରର ଅନୁଭୂତିଟି ହୃଦୟସ୍ପର୍ଶୀ ଥିଲା। ଗୋଲ୍ଡେନ ଗ୍ରାସ୍‌ର କଳାକୃତି କରି ପରିଚିତି ପାଇଥିବା ଦୀପ୍ତିରାଣୀ ସେନାପତିଙ୍କ ସଂଘର୍ଷପୂର୍ଣ୍ଣ ଜୀବନି ସମ୍ପର୍କରେ ଜାଣି ପ୍ରେରଣା ମିଳିଲା। ସହରଠୁ ଦୂର ପୃଷ୍ଠାରୁ ହୀମାଚଳ ପ୍ରଦେଶର ଶୋଜା ନାମକ ଏକ ଗାଁ ସମ୍ପର୍କରେ ବହୁ ଅଜଣା କଥା ଜାଣିହେଲା। **– ପରେଶ ବିଶ୍ୱାଳ, ମାଲକାନାଗିରି**
* ବିବିଧା ପୃଷ୍ଠାରୁ 'ଗ୍ୟାସ୍ ଚୁଲାର ଶିଖା ନୀଳ କାହିଁକି' ସେ ସମ୍ପର୍କରେ ବହୁ ଅଜଣା କଥା ଜାଣିହେଲା। ବ୍ୟଙ୍ଗ ପୃଷ୍ଠାରୁ 'ଦେ' ଦିବସ' ଶୀର୍ଷକ ପାଠଟି ପଢି ଖୁସି ହେଲି। ବ୍ୟାକ୍‌ପେଜ୍ ପୃଷ୍ଠାରେ ସ୍ଥାନିତ 'ସବୁଠୁ ଲମ୍ବା ଲେଗୋ ଟ୍ରେନ୍', 'ଛୋଟ ହାତ, ବେଶି ଦମ୍' ଆଦି ପାଠ ବେଶ୍ ନିଆରା ଥିଲା। **– ପ୍ରଫୁଲ୍ଲ ସ୍ୱାଇଁ, ଫୁଲବାଣୀ**



## ବିଶେଷ ଚିଠି

ଏଥରର ପ୍ରଚ୍ଛଦ ପ୍ରସଙ୍ଗରେ
ଥିଲା 'ସାଧବ ବୋହୂ,
ଲାଗୁଥିଲା ନିଆରା ଯେମିତି
ଦେଉଥିଲା ତଥ୍ୟ ବି ସେମିତି।
ଆହୁରି ମନଛୁଆଁ ଥିଲା
ତୁମ ସୃଜନ, ସହର ଓ ସାଥୀର ପୃଷ୍ଠା,
ମନ କିଣି ନେଉଥିଲା ପୁଣି ତୁମ
ପ୍ରଥମ ରୋଜଗାରର ମିଠା ମିଠା କଥା।
ହେ ଛୁଟିଦିନ
ତୁମେ ସବୁଠୁ ଶ୍ରେଷ୍ଠ, ସବୁଠୁ ଉତ୍ତମ।
**– କିରଣବାଳା ଦାଶ, ସାକ୍ଷୀଗୋପାଳ**

ଧରିତ୍ରୀ ଛୁଟିଦିନ
ସମ୍ପାଦକ: ତଥାଗତ ସତପଥୀ
Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Rasulgarh Industrial Estate, Bhubaneswar-10, Ph.:2549302, Fax : 2549795
ସୂଚନା ଛୁଟିଦିନ ପାଇଁ ଲେଖା ଓ ଫଟୋ ପଠାଇବାର ଇ-ମେଲ୍ ଠିକଣା: chhutidinadharitri@gmail.com

# ଓଡ଼ିଶାରେ ଗାନ୍ଧୀ ମନ୍ଦିର



ଗୁଲୁଣ୍ଡାର ଗାନ୍ଧୀ ମନ୍ଦିର


**ଜାତିର ପିତା ମହାତ୍ମାଗାନ୍ଧୀ ସ୍ୱାଧୀନତା ଆନ୍ଦୋଳନ ସମୟରେ ଏକାଧିକଥର ଓଡ଼ିଶା ଆସିଥିଲେ। ସେଇ ସ୍ମୃତିକୁ ଉଜ୍ଜୀବିତ ରଖିବା ପାଇଁ ଓଡ଼ିଶାର ବିଭିନ୍ନ ସ୍ଥାନରେ ନିର୍ମାଣ ହୋଇଛି ଗାନ୍ଧୀ ମନ୍ଦିର...**

ଜାତିର ପିତା ମହାତ୍ମାଗାନ୍ଧୀ ସ୍ୱାଧୀନତା ଆନ୍ଦୋଳନ ସମୟରେ ଏକାଧିକଥର ଓଡ଼ିଶା ଆସିଥିବାବେଳେ ତାଙ୍କ ପଦଯାତ୍ରାରେ ସାମିଲ ହୋଇଥିଲେ ଓଡ଼ିଶାର ବହୁ ସ୍ୱାଧୀନତା ସଂଗ୍ରାମୀ। ପରବର୍ତ୍ତୀ ସମୟରେ ସେହି ସ୍ମୃତିକୁ ମନେରଖିବା ପାଇଁ ଯେମିତି ଦେଶର ବିଭିନ୍ନ ସ୍ଥାନରେ ଗାନ୍ଧୀଙ୍କ ପ୍ରତିମୂର୍ତ୍ତି ନିର୍ମାଣ ହେବା ସହ ମନ୍ଦିର ପ୍ରତିଷ୍ଠା ହୋଇଥିଲା, ଠିକ୍ ସେହିପରି ଓଡ଼ିଶାରେ ମଧ୍ୟ ହୋଇଥିଲା। ଆଜିବି ଓଡ଼ିଶାର କେତୋଟି ସ୍ଥାନରେ ଗାନ୍ଧୀଙ୍କ ମନ୍ଦିର ରହିଛି ; ଯେଉଁଠି ବିଭିନ୍ନ ନୀତିକାନ୍ତି ସହ ତାଙ୍କ ପ୍ରତିମୂର୍ତ୍ତିକୁ ପୂଜା କରାଯାଉଛି...

**ଭତରାର ଗାନ୍ଧୀ ମନ୍ଦିର–** ସମ୍ବଲପୁର ସଦର ମହକୁମାଠାରୁ ପ୍ରାୟ ୫କିମି ଦୂରରେ ରହିଛି ଭତରା ଗ୍ରାମ। ଗ୍ରାମର ଚାରି ଦିଗରେ ଥିବା ସୁନ୍ଦର ପ୍ରାକୃତିକ ପରିବେଶ ମଧ୍ୟରେ ରହିଛି ରାଜ୍ୟର ପ୍ରଥମ ଗାନ୍ଧୀ ମନ୍ଦିର। ସୂଚନାଯୋଗ୍ୟ, ସ୍ୱାଧୀନତା ପୂର୍ବରୁ ଏକଦା ସମ୍ବଲପୁର ସହରସ୍ଥିତ ବାଲିବନ୍ଧା ଅଞ୍ଚଳକୁ ମହାତ୍ମା ଗାନ୍ଧୀଙ୍କ ଆଗମନ ହୋଇଥିଲା। ସେତେବେଳେ ଏଠାରେ ଆୟୋଜିତ ସଭାରେ ଗାନ୍ଧିଜୀ ବକ୍ତବ୍ୟ ପ୍ରଦାନ କରିଥିଲେ ; ଯାହା ସେଠାକାର ଲୋକଙ୍କ ମନରେ ଛାପ ହୋଇ ରହିଯାଇଥିଲା। ଗାନ୍ଧିଜୀଙ୍କ କଥାକୁ କେମିତି କାର୍ଯ୍ୟରେ ରୂପ ଦେବେ ସେକଥା ଚିନ୍ତା କରୁଥିଲେ। ସେହି ସମୟରେ ସମ୍ବଲପୁର ସହରରେ ଛୁଆଁ ଅଛୁଆଁ ଭେଦଭାବ ରହିଥିଲା। ଦଳିତବର୍ଗ ଲୋକଙ୍କୁ ମନ୍ଦିର ଯିବା ପାଇଁ ବାରଣ ଥିଲା। ଏହି ଛୁଆଁ ଅଛୁଆଁ ଭେଦଭାବକୁ ଦୂର କରିବା ପାଇଁ ୧୯୬୩ରେ ତତ୍କାଳିନ ବିଧାୟକ ଅଭିମନ୍ୟୁ କୁମାର ଓ ଭତରା ଗାଁର ବୁଦ୍ଧିଜୀବୀ, ବରିଷ୍ଠ ନାଗରିକମାନେ ମହାତ୍ମା ଗାନ୍ଧୀଙ୍କ ମନ୍ଦିର ନିର୍ମାଣ ପାଇଁ ଚିନ୍ତା କରିଥିଲେ। ଏହାପରେ ଅଭିମନ୍ୟୁଙ୍କ ଉଦ୍ୟମରେ ୧୯୭୧ରେ ତତ୍କାଳୀନ ସମ୍ବଲପୁର ଉତ୍ତରାଞ୍ଚଳ ରାଜସ୍ୱ କମିଶନର ରବୀନ୍ଦ୍ରନାଥ ମହାନ୍ତି ଗାନ୍ଧୀ ମନ୍ଦିରର ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ। ପରବର୍ତ୍ତୀ ସମୟରେ ଗ୍ରାମବାସୀଙ୍କ ମିଳିତ ଉଦ୍ୟମରେ ମନ୍ଦିର ସମ୍ପୂର୍ଣ୍ଣ ହୋଇଥିଲା। ୧୯୭୪ ଏପ୍ରିଲ ୧୧ତାରିଖରେ ଓଡ଼ିଶାର ତତ୍କାଳୀନ ମୁଖ୍ୟମନ୍ତ୍ରୀ ନନ୍ଦିନୀ ଶତପଥୀ ଏହି ଗାନ୍ଧୀ ମନ୍ଦିରକୁ ଉଦ୍‌ଘାଟନ କରିଥିଲେ। ସେହିଦିନଠାରୁ ଭତରା ଲୋକେ ମହାତ୍ମା ଗାନ୍ଧୀଙ୍କୁ ଠାକୁରଭାବେ ପୂଜାର୍ଚ୍ଚନା କରିଆସୁଛନ୍ତି । ଏହି ମନ୍ଦିରରେ ଗାନ୍ଧିଜୀଙ୍କ ୩.୫ଫୁଟ ଉଚ୍ଚର ବ୍ରୋଞ୍ଜ ପ୍ରତିମୂର୍ତ୍ତି ପୂଜା ପାଉଛି। ଏହି ମୂର୍ତ୍ତିକୁ ଶିଳ୍ପୀ ସୁନ୍ଦରଭାବେ ତିଆରି କରିଛନ୍ତି। ଏଥିସହ ଚତୁଃପାର୍ଶ୍ୱରେ ଅନ୍ୟାନ୍ୟ ବରପୁତ୍ରମାନଙ୍କ ଫଟୋଚିତ୍ର ସ୍ଥାନିତ ହୋଇଛି। ମନ୍ଦିର ସମ୍ମୁଖରେ ରହିଛି ଅଶୋକସ୍ତମ୍ଭ। ମନ୍ଦିର ମୁଖଶାଳାରେ ଥିବା ଭାରତ ମାନଚିତ୍ର ଭିତରେ ଭାରତ ମାତା ବିରାଜମାନ ଅଛନ୍ତି। ମନ୍ଦିର ଶିଖରରେ ତ୍ରିରଙ୍ଗା ପତାକା ଶୋଭା ପାଉଛି। ଏଥିସହ ଗାନ୍ଧିଜୀଙ୍କ ବିଭିନ୍ନ ସ୍ମରଣୀୟ ଘଟଣାବଳୀ ମନ୍ଦିର ପରିସରରେ ଚିତ୍ର ମାଧ୍ୟମରେ ଦର୍ଶାଯାଇଛି। ଦୀର୍ଘ ଦିନ ଧରି କାଳିଆ ବାଗ ଗାନ୍ଧିଜୀଙ୍କ ପୂଜାର୍ଚ୍ଚନା କରିଆସୁଥିଲେ। ସମ୍ପ୍ରତି ତାଙ୍କୁ ବୟସ ଅଧିକ ହୋଇଥିବାରୁ ଚିନ୍ତାମଣି ବାଗ ପୂଜକ ଦାୟିତ୍ୱ ତୁଲାଇବା ସହ ଗାନ୍ଧୀ ମନ୍ଦିର ପରିଚାଳନା କମିଟିର ସଭାପତି ଦାୟିତ୍ୱ ତୁଲାଉଛନ୍ତି। ଆମ ସଂସ୍କୃତିରେ ପୂଜ୍ୟପୂଜା ପରମ୍ପରା ବହୁ ପ୍ରାଚୀନ। ଅହିଂସା ମାର୍ଗରେ ବ୍ରିଟିଶଙ୍କ ସହ ଲଢ଼େଇ କରି ମହାତ୍ମା ଗାନ୍ଧୀ ଦେଶ ସ୍ୱାଧୀନତାରେ ମୁଖ୍ୟ ଭୂମିକା ଗ୍ରହଣ କରିଥିଲେ। ତାଙ୍କୁ ଅବତାର ପୁରୁଷ ଭାବେ ଭତରା ଗାନ୍ଧୀ ମନ୍ଦିରରେ ଲୋକେ ମାନସିକ ନେଇ ପୂଜାର୍ଚ୍ଚନା କରିଆସୁଛନ୍ତି। ଭତରା ଗାନ୍ଧୀ ମନ୍ଦିରରେ ପ୍ରତିଦିନ ସକାଳ ୬ଟା ୩୦ମିନିଟ ଏବଂ ସନ୍ଧ୍ୟା ୭ଟାରେ ଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ ଧୂପ, ଦୀପ, ଫୁଲ ଆଦି ଦେଇ ପୂଜାର୍ଚ୍ଚନା କରାଯାଏ। ସେହିପରି ଜାନୁଆରୀ ୨୬, ଅଗଷ୍ଟ ୧୫ ଏବଂ ଅକ୍ଟୋବର ୨ତାରିଖରେ ଏହି ମନ୍ଦିରରେ ଗାନ୍ଧୀଙ୍କ ଜୀବନୀ ସମ୍ପର୍କିତ ବିବିଧ କାର୍ଯ୍ୟକ୍ରମ ଓ ପୂଜାର୍ଚ୍ଚନା ହୋଇଥାଏ। ବର୍ଷସାରା ଗାନ୍ଧୀଙ୍କର ଏହି ମନ୍ଦିରକୁ ଦେଶ ବିଦେଶରୁ ପର୍ଯ୍ୟଟକମାନେ ଦର୍ଶନ ପାଇଁ ଆସିଥାନ୍ତି। ପ୍ରତ୍ୟହ ଗାନ୍ଧୀ ମନ୍ଦିରରେ ସକାଳ ୭ଟାରେ "ରଘୁପତି ରାଘବ ରାଜାରାମ, ପତିତପାବନ ସୀତାରାମ" ଗାନ କରାଯାଇଥାଏ। ସନ୍ଧ୍ୟାରେ ମହାଆଳତି ପରେ ରାମାୟଣ, ଭାଗବତ ପାଠ ହୋଇଥାଏ । ଭତରାର ଚିନ୍ତାମଣି ବାଗ କୁହନ୍ତି, ପ୍ରାୟ ଏକବର୍ଷ ହେବ ମନ୍ଦିର ପୂଜକ ଓ ପରିଚାଳନା କମିଟି ସଭାପତି ଭାବେ ଦାୟିତ୍ୱ ଗ୍ରହଣ କରିଛି। ଭତରାବାସୀ ଗାନ୍ଧୀଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ଆଗକୁ ବଢ଼ିଚାଲିଛୁ। ପ୍ରତିବର୍ଷ ଅକ୍ଟୋବର ୨ତାରିଖରେ ବେଶ୍ ସୁନ୍ଦର ଭାବେ ପୂଜାର୍ଚ୍ଚନା ହେଉଛି। ଆଗକୁ ମନ୍ଦିର ସୌନ୍ଦର୍ଯ୍ୟକରଣ ପ୍ରତି ଗୁରୁତ୍ୱ ଦିଆଯିବାକୁ ସ୍ଥିର ହୋଇଛି।

**ଗୋସାଣୀ ନୂଆଗାଁ ଗାଦିରେ ଗାନ୍ଧିଜୀ–** ଓଡ଼ିଶାର ଗଞ୍ଜାମ ଜିଲା ଅନ୍ତର୍ଗତ ବ୍ରହ୍ମପୁର ସହର ସନ୍ନିକଟ ଗୋସାଣୀ ନୂଆଗାଁ। ଏଠାରେ ରହିଛି ଉତ୍ତରେଶ୍ୱରଙ୍କ ମନ୍ଦିର। ଦୀର୍ଘଦିନ ତଳେ କେବଳ ଉତ୍ତରେଶ୍ୱର ମହାଦେବ ଏଠାରେ ପୂଜା ପାଉଥିଲେ।

→


ଭତରାରେ ଗାନ୍ଧୀ ମନ୍ଦିର







ଗୋସାଣୀ ନୂଆଗାଁ ଗାଦିରେ ଗାନ୍ଧିଜୀ

ଏହି ଗାଁର ବିଶିଷ୍ଟ ଠିକାଦାର ଗୋବିନ୍ଦ ଚୌଧୁରୀ ଥିଲେ ମହାତ୍ମା ଗାନ୍ଧୀଙ୍କର ଜଣେ ଅନୁଗାମୀ। ଏହି ମନ୍ଦିରର ଉନ୍ନତି ଦାୟିତ୍ୱ ସେ ନେବା ପରେ ମନ୍ଦିର ଚତୁଃପାର୍ଶ୍ୱରେ ଶ୍ରୀଜଗନ୍ନାଥ, ଗଣେଶ, ରାମ ଲକ୍ଷ୍ମଣ ସୀତା, ବିମଳା, ଲକ୍ଷ୍ମୀ ଆଦି ଦେବଦେବୀଙ୍କ ମନ୍ଦିର ନିର୍ମାଣ କରିଥିଲେ। ଏହି ମନ୍ଦିରରେ ଥିବା ଭାଗବତ ପୋଥିକୁ ସେ ଭାଗବତ ଗାଦିରେ ସାଇତି ରଖିଥିଲେ। ମହାତ୍ମା ଗାନ୍ଧୀଙ୍କ ଏକ ପ୍ରତିମୂର୍ତ୍ତିକୁ ସେହି ଭାଗବତ ଗାଦି ପରିସରରେ ୧୯୬୦ ମସିହାରେ ସ୍ଥାପନ କରିଥିଲେ। ମହାତ୍ମା ଗାନ୍ଧୀ ଥିଲେ ରାମ ଭକ୍ତ। ତେଣୁ ତାଙ୍କ ପ୍ରତିମୂର୍ତ୍ତି ନିକଟରେ ରାମ, ଲକ୍ଷ୍ମଣ, ସୀତାଙ୍କୁ ରଖାଯାଇଛି। ପୂଜ୍ୟପୂଜାର ପରମ୍ପରାକୁ ସମ୍ମାନ ଦେଇ ସେବେଠାରୁ ଦେବଦେବୀଙ୍କ ଭଳି ଗାନ୍ଧୀଙ୍କୁ ବି ସସମ୍ମାନେ ପୂଜା କରାଯାଉଛି। ଗୋବିନ୍ଦ ଚୌଧୁରୀଙ୍କ ନାତି ତଥା ମନ୍ଦିର ପରିଚାଳକ ପଞ୍ଚାନନ ଚୌଧୁରୀ କୁହନ୍ତି ଏହି ମନ୍ଦିରର ଭାଗବତ ଗାଦି ପରିସରରେ ଗାନ୍ଧୀଙ୍କ ମୂର୍ତ୍ତି ପୂଜା କରାଯାଉଥିବାରୁ କେହି କେହି ଏହାକୁ ଗାନ୍ଧୀ ମନ୍ଦିର ବୋଲି ମଧ୍ୟ କହିଥାନ୍ତି। ସ୍ୱାଧୀନତା ଆନ୍ଦୋଳନ ବେଳେ ଓଡ଼ିଶାର ଗାଁ ଗଣ୍ଡାରେ ଥିବା ଭାଗବତ ଟୁଙ୍ଗିରେ ଧର୍ମ ଆଲେଚନା ସହ ଦେଶର ଜନମଙ୍ଗଳ କଥା ବି ଆଲୋଚନା ହେଉଥିଲା। ସତ୍ୟାଗ୍ରହୀମାନେ ଭାଗବତ ଶୁଣିବାକୁ ଆସୁଥିଲେ। ଗାଁ ଲୋକଙ୍କୁ ଗାନ୍ଧୀକଥା ଓ ସ୍ୱାଧୀନତା ସଂଗ୍ରାମ ବିଷୟରେ ଧାରଣା ଦେଉଥିଲେ। ସେମାନେ ଇଂରେଜ ସରକାରଙ୍କ ବିରୋଧରେ ଆନ୍ଦୋଳନ କରିବାକୁ ଏଇଠି ଲୋକଙ୍କୁ ମତାଉଥିଲେ। ତେଣୁ ଭାଗବତ ଗାଦି ପରିସରରେ ଅନୁଗାମୀମାନେ ଗାନ୍ଧିଜୀଙ୍କୁ ସ୍ମରଣ କରି ପୂଜା କରିଥାନ୍ତି। ମନ୍ଦିରରେ ଭାଗବତ ପାଠ ହୁଏ ସଂକୀର୍ତ୍ତନ ଚାଲେ ପୁଣି ରାମଧୁନ ବୋଲାଯାଇଥାଏ। ପ୍ରତ୍ୟେକ ଦିନ ଏଠାରେ ଦେବଦେବୀଙ୍କୁ ଭୋଗ ଲାଗୁଥିବାବେଳେ ଗାନ୍ଧୀଙ୍କୁ ବି ବାଳଭୋଗ ଓ ଅନ୍ନଭୋଗ ଲାଗି ହୁଏ । ଗାନ୍ଧୀଙ୍କ ଜନ୍ମଦିବସ ଓ ଶ୍ରାଦ୍ଧ ଦିବସରେ ତାଙ୍କୁ ପୁଷ୍ପମାଲ୍ୟ ଅର୍ପଣ ସହ ନୂତନ ବସ୍ତ୍ର ପ୍ରଦାନ କରାଯାଇଥାଏ। ଏଥି ସହିତ ଜାତୀୟ ସଙ୍ଗୀତ ବି ଗାନ କରାଯାଏ। ଅନେକ ଗାନ୍ଧୀପ୍ରେମୀ ଏଠାକୁ ଆସିଥାନ୍ତି। ଦୀର୍ଘ ୬୪ ବର୍ଷ ହେଲା ଏମିତି ପୂଜା ଚାଲିଛି । ପ୍ରମୋଦଚନ୍ଦ୍ର ପତି କୁହନ୍ତି, ଦୀର୍ଘ ୧୦ ବର୍ଷ ହେଲା ଏଠାରେ ପୂଜା କରୁଛି। ଏଠି ବିଭିନ୍ନ ମନ୍ଦିର ଥିବାବେଳେ ଭାଗବତ ଗାଦି ପରିସରର ପୂଜା ଦାୟିତ୍ୱ ମୋତେ ଦିଆଯାଇଛି। ସକାଳ ଓ ସନ୍ଧ୍ୟାରେ ବାଳଭୋଗ ଓ ଅନ୍ନଭୋଗ କରାଯାଉଛି। ଶ୍ରଦ୍ଧାଳୁ ଓ ପର୍ଯ୍ୟଟକମାନେ ଆସି ଦେବଦେବୀଙ୍କ ସହ ଗାନ୍ଧୀଙ୍କୁ ବି ଦର୍ଶନ କରିଥାନ୍ତି। ମନ୍ଦିର ସହଯୋଗୀ ରିଟୁ କୁମାର ପଣ୍ଡା କୁହନ୍ତି, ଏଠି ମହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତ୍ତିକୁ ପୂଜା ସହ ଭାଗବତ ପଠନ କରାଯାଉଛି। ଏଥି ସହିତ ଗାନ୍ଧୀଙ୍କ ଜୟନ୍ତୀ ଓ ଶ୍ରାଦ୍ଧ ଦିବସରେ ସ୍ୱତନ୍ତ୍ର ପୂଜା କରାଯାଉଛି। ଏହା ଦ୍ୱାରା ସମସ୍ତଙ୍କୁ ଏକ ସୁନ୍ଦର ବାର୍ତ୍ତା ଯାଉଛି ବୋଲି ମୁଁ ଭାବୁଛି । ମାତାପିତା ଆମର ପୂଜ୍ୟ ସେହିଭଳି ଆମକୁ ଯିଏ ପରାଧୀନତାରୁ ମୁକ୍ତ କରିଛନ୍ତି ସେମାନେ ଆମର ପୂଜ୍ୟ। ତେଣୁ ସେମାନେ ପୂଜା ପାଇବା ଉଚିତ।


**କାମାକ୍ଷାନଗରରେ ଗାନ୍ଧିଜୀଙ୍କ ମନ୍ଦିର**–ଢେଙ୍କାନାଳ ଜିଲା କାମାକ୍ଷାନଗର ସଦର ମହକୁମା ଅଞ୍ଚଳରେ ମହାତ୍ମା ଗାନ୍ଧୀଙ୍କର ଏକ ମନ୍ଦିର ପ୍ରତିଷ୍ଠା କରାଯାଇଛି। ଓଡ଼ିଶାରେ ଗାନ୍ଧିଜୀଙ୍କର ଏହା ଦ୍ୱିତୀୟ ମନ୍ଦିର। କାମାକ୍ଷାନଗରର ପୂର୍ବତନ ବିଧାୟକ ତଥା ଏହି ମନ୍ଦିରର ଉପଦେଷ୍ଟା ପ୍ରଫୁଲ୍ଲ ମଲ୍ଲିକ କୁହନ୍ତି, 'ଏହି ଅଞ୍ଚଳରେ ବିଭିନ୍ନ ବ୍ୟକ୍ତିବିଶେଷ ଓ ଛାତ୍ରୀଛାତ୍ରଙ୍କ ମଧ୍ୟରେ ଗାନ୍ଧୀବାର୍ତ୍ତାର ପ୍ରଚାର ପ୍ରସାର ନିମନ୍ତେ ୨୦୧୦ ମସିହାରେ ଏକ ଗାନ୍ଧୀ ମନ୍ଦିର ଶିଳାନ୍ୟାସ କରାଯାଇଥିଲା। ୨୦୧୨ରେ ପଦ୍ମଶ୍ରୀ ବାବା ବଳିଆଙ୍କ ଦ୍ୱାରା ଏହି ମନ୍ଦିରର ଉଦ୍‌ଘାଟନ ହୋଇଥିଲା। ଏଠାରେ ଥିବା ଏକ ସ୍ଥାୟୀ ଗୃହକୁ ମନ୍ଦିର କରାଯାଇ ଦୈନିକ ସକାଳେ ଓ ସନ୍ଧ୍ୟାରେ ଗାନ୍ଧିଜୀଙ୍କ ପୂଜାର୍ଚ୍ଚନା ଆରମ୍ଭ ହେଲା। ପରବର୍ତ୍ତୀ ସମୟରେ ଗାନ୍ଧୀ ବିଚାରଧାରାର କିଛି ବ୍ୟକ୍ତି ଏକାଠି ହୋଇ ପ୍ରତ୍ୟେକବର୍ଷ ଗାନ୍ଧୀ ଜୟନ୍ତୀରେ ବିଭିନ୍ନ ଗ୍ରାମକୁ ଯାଇ ଗାନ୍ଧୀ ଜୟନ୍ତୀ ପାଳନ କରିବା ସହ ସ୍ୱାସ୍ଥ୍ୟଶିବିର, ଗୋ ଚିକିତ୍ସା ଶିବିର, ଆଦି ଆୟୋଜନ କରିଥାନ୍ତି। ଗାନ୍ଧୀଙ୍କ ମହାପ୍ରୟାଣ ଦିବସରେ ଗୀତାଯଜ୍ଞ, ପାରାୟଣ ଓ ଗାନ୍ଧୀଙ୍କ ଜୀବନଦର୍ଶନ ଉପରେ ଆଲୋଚନାଚକ୍ର ଆଦିକରାଯାଇଥାଏ। ପ୍ରତିବର୍ଷ ଜାନୁଆରୀ ୨୬ ତାରିଖଠାରୁ ଗୀତାଯଜ୍ଞ ଅନୁଷ୍ଠିତ ହୋଇ ଗାନ୍ଧିଜୀଙ୍କ ମହାପ୍ରୟାଣ ଦିବସରେ ସମାପ୍ତ ହୋଇଥାଏ। ଏହି ମନ୍ଦିରର ପ୍ରବେଶ ଦ୍ୱାର ନିକଟରେ ଗାନ୍ଧିଜୀଙ୍କ ଅତିପ୍ରିୟ ତିନି ମାଙ୍କଡ଼ର ପ୍ରତିମାକୁ ରଖାଯାଇଛି। ଏକ ଫଳକରେ ଗାନ୍ଧିଜୀଙ୍କ ଏକାଦଶ ବ୍ରତ– ଅହିଂସା, ସତ୍ୟ, ଅସ୍ତେୟ, ବ୍ରହ୍ମଚର୍ଯ୍ୟ, ଅସଂଗ୍ରହ, ଶରୀରଶ୍ରମ, ଅସ୍ୱାଦ, ଅଭୟ, ସମତ୍ୱଭାବ, ସ୍ୱଦେଶ ଚିନ୍ତା, ଅସ୍ପୃଶ୍ୟତା ନିବାରଣ ସମ୍ପର୍କରେ ଉଲ୍ଲେଖ କରାଯାଇଛି। ଯାହା ସମାଜକୁ ଗାନ୍ଧିଜୀଙ୍କ ନୀତିଶିକ୍ଷାର ବାର୍ତ୍ତା ଦେଇଥାଏ। ସେହିପରି ଏହି ମନ୍ଦିର ପରିଚାଳନା ପାଇଁ ଏକ କମିଟି ଗଠନ କରାଯାଇଛି। କାମାକ୍ଷାନଗର ମହାବିଦ୍ୟାଳୟର ପୂର୍ବତନ ଅଧ୍ୟକ୍ଷ ଅରବିନ୍ଦକାନ୍ତ ରାୟ ସଭାପତି, ଶିକ୍ଷାବିତ୍ ମାୟାଧର ପାଣି ସଂପାଦକ, ପଞ୍ଚାୟତରାଜ ଉଚ୍ଚବିଦ୍ୟାଳୟର ପ୍ରଧାନଶିକ୍ଷକ ଶ୍ରୀରାମ ରାଉତ କୋଷାଧକ୍ଷ ଭାବେ କାର୍ଯ୍ୟ ନିର୍ବାହ କରନ୍ତି। ସମସ୍ତସଭ୍ୟ ଓ ବଦାନ୍ୟ ବ୍ୟକ୍ତିଙ୍କ ଅନୁଦାନରେ ମହାପୁରୁଷମାନଙ୍କ ଜନ୍ମଦିନ ଓ ଶ୍ରାଦ୍ଧବାର୍ଷିକୀ ପାଳନ ହୋଇଥାଏ।ମନ୍ଦିରରେ ଗାନ୍ଧୀ ଜୟନ୍ତୀ ପାଳନ ହେଉଥିବାବେଳେ , ଗାନ୍ଧୀଙ୍କ ମହାପ୍ରୟାଣ ଦିବସରେ ୫ ଦିନ ବ୍ୟାପି ଗୀତାଯଜ୍ଞ ଅନୁଷ୍ଠିତ ହୋଇଥାଏ। କାମାକ୍ଷାନଗର ଏନଏସି ତରଫରୁ ଜଣେ ବ୍ୟକ୍ତି ପ୍ରତିଦିନ ମନ୍ଦିରର ରକ୍ଷଣାବେକ୍ଷଣ କାର୍ଯ୍ୟ ତୁଲାଇଥାନ୍ତି।


**ଗୁଲୁଣ୍ଡାର ଗାନ୍ଧୀ ମନ୍ଦିର–:** ମହାତ୍ମା ଗାନ୍ଧୀଙ୍କ ନୀତି ଓ ଆଦର୍ଶରେ ଅନୁପ୍ରାଣିତ ହୋଇ ନିଜ ଜୀବନ ଶୈଳୀକୁ ପରିବର୍ତ୍ତନ କରିଛନ୍ତି ସମ୍ବଲପୁର ମହାନଗର ନିଗମ ଅନ୍ତର୍ଗତ ଗୁଲୁଣ୍ଡା ଗ୍ରାମବାସୀ । ଯେଉଁଠାରେ ଜାତିର ଜନକ ମୋହନଦାସ କରମଚାନ୍ଦ ଗାନ୍ଧୀଙ୍କ ପ୍ରତିମୂର୍ତ୍ତିକୁ ଲୋକେ ଠାକୁର ରୂପେ ପୂଜା କରୁଛନ୍ତି । ସମ୍ବଲପୁର ଜିଲାର ମାନେଶ୍ୱର ବ୍ଲକ ଅନ୍ତର୍ଗତ ଗୁଲୁଣ୍ଡା ଗ୍ରାମରେ ରହିଛି ଗାନ୍ଧୀ ମନ୍ଦିର । ସମ୍ବଲପୁର ସହରଠାରୁ ଏହାର ଦୂରତା ପ୍ରାୟ ୧୪କିମି । ଗ୍ରାମର ୮୨ବର୍ଷୀୟ ଅଚ୍ୟୁତ ଲୁହା କୁହନ୍ତି ଯେ, 'ସମ୍ବଲପୁର ସହର ପୁଟିବନ୍ଧସ୍ଥିତ ଏକ ଆଶ୍ରମରେ ଜଗତରାମ ବାବାଜି ନାମକ ଜଣେ ସଂଗଠକ ରହୁଥିଲେ । ସେ ମହାତ୍ମା ଗାନ୍ଧୀଙ୍କ ନୀତି ଓ ଆଦର୍ଶରେ ଅନୁପ୍ରାଣିତ ହୋଇ ୧୯୭୦ରେ ଗୁଲୁଣ୍ଡା ଗ୍ରାମରେ ଗାନ୍ଧୀ ମନ୍ଦିର ନିର୍ମାଣ କରିବାକୁ ସଂକଳ୍ପ ନେଇଥିଲେ । ଏହାପରେ ଗ୍ରାମବାସୀଙ୍କ ସହାୟତାରେ ସାଧ୍ୟମତେ ସମସ୍ତଙ୍କ ସାହାଯ୍ୟ ସହଯୋଗରେ ଗାନ୍ଧୀ ମନ୍ଦିର ନିର୍ମାଣ ହେଲା ପରେ ଗାନ୍ଧିଜୀଙ୍କ ଏକ ମୂର୍ତ୍ତି ପ୍ରତିଷ୍ଠା କରାଯାଇଥିଲା। ସେହିଦିନଠାରୁ ପରମ୍ପରା ଅନୁସାରେ ଗ୍ରାମବାସୀ ଗାନ୍ଧୀଙ୍କ ନୀତିରେ ଅନୁପ୍ରାଣିତ ହୋଇ ପୂଜାର୍ଚ୍ଚନା କରି ଆସୁଛନ୍ତି। ଅକ୍ଟୋବର୨, ଜାନୁୟାରୀ୨୬, ଅଗଷ୍ଟ ୧୫ସହ ଜାନୁୟାରୀ ୩୦ତାରିଖରେ ମହାତ୍ମା ଗାନ୍ଧୀଙ୍କ ପୂଜାର୍ଚ୍ଚନା ନିରାଡ଼ମ୍ବର ଭାବେ ପାଳନ କରାଯାଇ ଗାନ୍ଧିଜୀଙ୍କ ଜୀବନ ଦର୍ଶନ ଗୁଣଗାନ କରାଯାଇଥାଏ। ବାପୁଜୀଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ଆମ ଗୁଲୁଣ୍ଡା ଗ୍ରାମର ଗାନ୍ଧୀପଡାରେ ମନ୍ଦିର ନିର୍ମାଣ ହୋଇଥିଲା । ପ୍ରଥମେ ଗାଁର ଋଷି ଛୁରିଆ ପରେ ଲାଲମୁନି କୁମ୍ଭାର ପୂଜାର୍ଚ୍ଚନା କରୁଥିଲେ । ପର୍ଯ୍ୟାୟକ୍ରମେ ପଡାର ବ୍ୟକ୍ତିମାନେ ପୂଜାର୍ଚ୍ଚନା କରିଲେ। ସଂପ୍ରତି ଏହିପଡାର ବ୍ୟକ୍ତିମାନେ ପାଳି କରି ପୂଜା କରୁଛନ୍ତି ।

**– ବନବିହାରୀ ବେହେରା, ଶଙ୍କର ବେହେରା, ସୁଧୀର କୁମାର ପରିଡ଼ା, ଅଶୋକ କୁମାର ସାହୁ**



କାମାକ୍ଷାନଗରରେ ଗାନ୍ଧିଜୀଙ୍କ ମନ୍ଦିର









# ପ୍ରାଚୀନ ଦେଶ

**କୌଣସି ଦେଶର ଆୟୁ ନିର୍ଦ୍ଧାରଣ କରିବା ଏକ ଜଟିଳ କାର୍ଯ୍ୟ। କାରଣ ଅନେକ କ୍ଷେତ୍ରରେ ଏକ ଐତିହାସିକ ପୃଷ୍ଠଭୂମି ଥିବା ରାଷ୍ଟ୍ର ବି କମ୍ ବୟସର ହୋଇପାରେ, ଯେମିତିକି ରୁଷ । ୧୯୯୧ରେ ସୋଭିଏଟ ସଂଘର ବିଭାଜନ ଫଳରେ ଏହା ଜନ୍ମ ନେଇଥିଲା। ତେବେ ସବୁଠାରୁ ପ୍ରାଚୀନ ଦେଶର ତାଲିକା ପାଇବା ଲାଗି ଏଠାରେ ସେହି ଦେଶଗୁଡ଼ିକୁ ନିଆଯାଇଛି, ଯାହାର ଶାସନର ଇତିହାସ ଭଲଭାବେ ଲିପିବଦ୍ଧ ଅବା ଯାହାର ସୀମା ଆଧୁନିକ ସମୟର ଦେଶର ସୀମା ଅନୁରୂପ ଅଟେ। ଜାଣନ୍ତୁ ସେହି ପ୍ରାଚୀନ ଦେଶଗୁଡ଼ିକ ସମ୍ପର୍କରେ..**

**ଇଜିପ୍ଟ:** ଖ୍ରୀ.ପୂ. ୩୧୦୦ରେ ଯେବେ ପ୍ରଥମ ଫାରୋ ନାରମର୍ ନିମ୍ନ ଓ ଉପର ଇଜିପ୍ଟକୁ ଏକତ୍ରିତ କରିଥିଲେ ଇଜିପ୍ଟର ଇତିହାସ ସେଇଠୁ ଆରମ୍ଭ ବୋଲି କିଛି ପ୍ରମାଣ କହେ। ପ୍ରାଚୀନ ମିଶରବାସୀ ନିଜର ସ୍ମାରକୀୟ ସ୍ଥାପତ୍ୟ ଯେମିତିକି ଗିଜାର ପିରାମିଡ ଓ ସ୍ଫିଙ୍କ୍ସ ସହ ଚିତ୍ରଲିପିର ବିକାଶ ଓ ଲେଖନରେ ପ୍ରଗତି ପାଇଁ ପ୍ରସିଦ୍ଧ ଥିଲେ। ନୀଳନଦୀର ଉର୍ବର ତଟଦେଶ ଏକ ସମୃଦ୍ଧ ସଭ୍ୟତା ଜନ୍ମ ଦେଇଥିଲା, ଯାହାର ଥିଲା କଳା, ବିଜ୍ଞାନ ଓ ଶାସନ କ୍ଷେତ୍ରରେ ମହତ୍ତ୍ୱପୂର୍ଣ୍ଣ ଯୋଗଦାନ। ତେବେ ଅନେକ ଆକ୍ରମଣ ଓ ଶାସକଙ୍କ ପରିବର୍ତ୍ତନ ସତ୍ତ୍ୱେ ଇଜିପ୍ଟର ସାଂସ୍କୃତିକ ସମ୍ପଦ ଅକ୍ଷୁଣ୍ଣ ରହିଛି। ଯାହାକି ଏହାକୁ ପୃଥିବୀର ସବୁଠାରୁ ପ୍ରାଚୀନ ସଭ୍ୟତା ମଧ୍ୟରେ ଅନ୍ୟତମ କରାଏ।

**ଚାଇନା:** ଚାଇନା ସଭ୍ୟତା ୟେଲୋ ନଦୀ ତଟରେ ଜିୟା ରାଜବଂଶର ସ୍ଥାପନ ସହ ଖ୍ରୀ.ପୂ. ୨୦୭୦ରେ ଆରମ୍ଭ ହୋଇଥିଲା। ସହସ୍ର ବର୍ଷ ଧରି ଚାଇନା ଦେଖିଆସିଛି ଅନେକ ରାଜବଂଶର ଉତ୍‌ଥାନ ଓ ପତନ। ଏହି ରାଜବଂଶଗୁଡ଼ିକର ଦେଶର ସଂସ୍କୃତି ଓ ବିଜ୍ଞାନର ବିକାଶକ୍ଷେତ୍ରରେ ଥିଲା ମହତ୍ତ୍ୱପୂର୍ଣ୍ଣ ଯୋଗଦାନ। ଦ ଗ୍ରେଟ ୱାଲ୍, ଟେରାକୋଟା ଆର୍ମି, କାଗଜ ଓ ଗନ୍ ପାଉଡରର ଉଦ୍ଭାବନ ଆଦି ଚାଇନାର ସମୃଦ୍ଧ ଇତିହାସର ଗୋଟିଏ ଗୋଟିଏ ଦସ୍ତାବିଜ। ଅନେକ ଉତ୍‌ଥାନ ପତନ ଏବଂ ବିଦେଶୀ ଶାସକଙ୍କ ରାଜତ୍ୱ ସତ୍ତ୍ୱେ ଚାଇନା ନିରନ୍ତର ଭାବେ ଏକ ସମୃଦ୍ଧ ସଂସ୍କୃତିସମ୍ପନ୍ନ ପୁରାତନ ଦେଶ ହୋଇ ରହିଆସିଛି।

**ଗ୍ରୀସ୍:** ଗ୍ରୀସ୍ ଯାହାକୁ କି ପଶ୍ଚିମ ସଭ୍ୟତାର ଉଦ୍‌ଗମ ସ୍ଥଳ ବୋଲି କୁହାଯାଏ, ତାହାର ମୂଳଦୁଆ ଖ୍ରୀ.ପୂ. ୧୬୦୦ ତଥା ବ୍ରୋଞ୍ଜ ଯୁଗ ସହ ଜଡ଼ିତ। ଗ୍ରୀସ୍‌ର ଉଚ୍ଚକୋଟୀର ସହର-ରାଜ୍ୟ ଯେମିତିକି ଏଥେନ୍ସ ଓ ସ୍ପାର୍ଟାକୁ ଅନୁସରଣ କରୁଥିବା ମାଇସେନିଆନ ସଭ୍ୟତା ସର୍ବପ୍ରଥମେ ପାଶ୍ଚାତ୍ୟ ଦର୍ଶନ, ଲୋକତନ୍ତ୍ର ଏବଂ କଳାର ମୂଳଦୁଆ ସ୍ଥାପନ କରିଥିଲା। ଆଉ ସକ୍ରେଟିସ୍, ପ୍ଲାଟୋ ଏବଂ ଆରିଷ୍ଟଟଲଙ୍କ ଭଳି ଗ୍ରୀକ ଦାର୍ଶନିକଙ୍କ ପ୍ରଭାବ ତ ପଶ୍ଚିମ ବିଚାରଧାରା ଉପରେ ଗଭୀରଭାବେ ପକାଇଥିଲା। ଅନେକ ବିଜୟ ଓ ବିଭାଜନର ସମୟ ଆସିଥିବା ସତ୍ତ୍ୱେ ଗ୍ରୀସ୍ ନିଜର ସାଂସ୍କୃତିକ ସମ୍ପଦକୁ ବଜାୟ ରଖିଛି।

**ଇରାନ:** ଇରାନ (ଯାହାକି ଐତିହାସିକ ଭାବେ ପର୍ସିଆ ନାମରେ ଜଣାଯାଏ)ର ଇତିହାସ ଖ୍ରୀ.ପୂ. ୩୨୦୦ରୁ ଆରମ୍ଭ। ଖ୍ରୀ.ପୂ. ୫୫୦ରେ ସାଇରସ୍ ଦ ଗ୍ରେଟ୍‌ଙ୍କ ଦ୍ୱାରା ସ୍ଥାପିତ ଆଚେମେନିଦ ସାମ୍ରାଜ୍ୟ ଇରାନ ଇତିହାସର ସବୁଠାରୁ ଉଲ୍ଲେଖନୀୟ ସମୟ ମଧ୍ୟରୁ ଗୋଟିଏ। ଯାହାକି ନିଜର ପ୍ରଶାସନିକ ସ୍ୱଚ୍ଛତା ଓ ରାଜକୀୟ ରାସ୍ତା ନିର୍ମାଣ ପାଇଁ ପ୍ରସିଦ୍ଧ। ବିଭିନ୍ନ ରାଜବଂଶର ପରିବର୍ତ୍ତନ, ଆକ୍ରମଣ ଏବଂ ଇସ୍‌ଲାମର ଆଗମନ ସତ୍ତ୍ୱେ ପର୍ସିଆର ସଂସ୍କୃତି, ଭାଷା ଏବଂ ପରମ୍ପରା ବଜାୟ ରହିଛି।

**ଭାରତ:** ଭାରତର ଇତିହାସ ବହୁ ପୁରାତନ ଓ ସମୃଦ୍ଧ। ଖ୍ରୀ.ପୂ. ୨୫୦୦ ତଥା ପୃଥିବୀର ପ୍ରାରମ୍ଭିକ ସହରୀ ସଂସ୍କୃତି ମଧ୍ୟରୁ ଅନ୍ୟତମ ସିନ୍ଧୁ ସଭ୍ୟତା ସହ ଭାରତର ଇତିହାସ ଜଡ଼ିତ। ଏହି ମହାଦ୍ୱୀପ ମୌର୍ଯ୍ୟ ଓ ଗୁପ୍ତ ସାମ୍ରାଜ୍ୟ ଭଳି ମହାନ୍ ସାମ୍ରାଜ୍ୟର ଉଦୟ ଦେଖିଛି। ଯେଉଁମାନେକି ଗଣିତ, ବିଜ୍ଞାନ ଏବଂ ସାହିତ୍ୟ କ୍ଷେତ୍ରରେ ମହତ୍ତ୍ୱପୂର୍ଣ୍ଣ ଯୋଗଦାନ ଦେଇଥିଲେ। ଏହାର ବୈଦିକ ଯୁଗ ହିନ୍ଦୁ, ବୌଦ୍ଧ ଏବଂ ଜୈନଧର୍ମକୁ ଜନ୍ମ ଦେଇଛି। ଆଉ ଏସବୁ ହେଉଛି ଏଭଳି ଧର୍ମ ଯାହା ବିଶ୍ୱର ଆଧାତ୍ମିକ ପରମ୍ପରାକୁ ଗଭୀରଭାବେ ପ୍ରଭାବିତ କରିଛି। ଶତାବ୍ଦୀ ଶତାବ୍ଦୀର ଔପନିବେଶିକ ଶାସନ ଓ ଆଭ୍ୟନ୍ତରୀଣ ସଂଘର୍ଷ ସତ୍ତ୍ୱେ ଭାରତର ସାଂସ୍କୃତିକ ଓ ଐତିହାସିକ ନିରନ୍ତରତା ଅତୁଟ ହୋଇରହିଛି।

**ଜାପାନ**-ଜାପାନର ଲିପିବଦ୍ଧ ଇତିହାସ ଖ୍ରୀ.ପୂ. ୧୪୦୦୦, ଜୋମୋନ କାଳରୁ ଆରମ୍ଭ ହୋଇଥାଏ। ଯାହାର ବିଶେଷତ୍ୱ ଥିଲା ସ୍ୱତନ୍ତ୍ର ପ୍ରକାରର ମାଟିପାତ୍ର ତିଆରି। ୟମାତୋ ସାମ୍ରାଜ୍ୟ ପ୍ରାୟ ତୃତୀୟ ଶତାବ୍ଦୀ ବେଳକୁ ଉଦୀୟମାନ ହୋଇଥିଲା। ଯେଉଁଠୁ ରାଜକୀୟ ପରିବାର ଅଧୀନରେ ଏକ କେନ୍ଦ୍ରୀକୃତ ସରକାରର ଆରମ୍ଭ ହୋଇଥିଲା। ଏହା ହେଉଛି ପୃଥିବୀର ସର୍ବପୁରାତନ ନିରନ୍ତର ବଂଶାନୁଗତିକ ରାଜତନ୍ତ୍ର। ଜାପାନର ଭିନ୍ନବାଦୀ ନୀତି ଓ ଦ୍ରୁତ ବେଗରେ ବଢୁଥିବା ଆଧୁନିକୀକରଣ ଏହାକୁ ଏକ ସ୍ୱତନ୍ତ୍ର ସାଂସ୍କୃତିକ ପରିଚୟ ଦେଇଥାଏ।

**ଇଥିଓପିଆ:** ଇଥିଓପିଆର ଇତିହାସ ପ୍ରାୟତଃ କିମ୍ବଦନ୍ତୀ ସହ ଜଡ଼ିତ। ଯେମିତିକି ଶେବାର ରାଣୀ ଓ ରାଜା ସୋଲୋମନଙ୍କ କାହାଣୀ। ପ୍ରମାଣ କହେ ଯେ, ଖ୍ରୀ.ପୂ. ୧୦ମ ଶତାବ୍ଦୀରେ ଡି'ଏମ୍‌ଟି ସାମ୍ରାଜ୍ୟର ଅଭ୍ୟୁଦୟ ସହ ଅର୍ଥାତ୍ ପ୍ରାଗ୍ ଐତିହାସିକ ଯୁଗରୁ ଲୋକେ ଏହି କ୍ଷେତ୍ରରେ ରହିଆସୁଛନ୍ତି। ଖ୍ରୀ.ପୂ. ପ୍ରଥମ ଶତାବ୍ଦୀ ବେଳକୁ ସ୍ଥାପିତ ହୋଇଥିବା ଅକ୍ସୁମାଇଟ୍ ସାମ୍ରାଜ୍ୟ ଥିଲା ଏହାର ମୁଖ୍ୟ ବ୍ୟବସାୟିକ ସାମ୍ରାଜ୍ୟ। ଏହି ସାମ୍ରାଜ୍ୟ ଖ୍ରୀଷ୍ଟଧର୍ମକୁ ରାଜ୍ୟଧର୍ମଭାବେ ଆପଣେଇଥିବା ପ୍ରଥମ ରାଜ୍ୟ ମଧ୍ୟରୁ ଥିଲା ଅନ୍ୟତମ।

**ସାନ୍ ମାରିଓ:** ସାନ ମାରିଓ ପୃଥିବୀର ସବୁଠାରୁ ପ୍ରାଚୀନ ଦେଶର ଦାବି କରେ, ଯାହାର ସ୍ଥାପନା ସେପ୍ଟେମ୍ବର ୩ ତାରିଖ ୩୦୧ଖ୍ରୀଷ୍ଟାବ୍ଦରେ, ନିର୍ଯାତନାକୁ ସହି ନ ପାରି ଖସି ଚାଲିଆସିଥିବା ମାରିନସ ନାମକ ଜଣେ ପଥରକଟା ମିସ୍ତ୍ରିଙ୍କ ଦ୍ୱାରା ହୋଇଥିଲା। ଆଲ୍ପେନାଇନ ପର୍ବତ ଉପରେ ସ୍ଥାପିତ ଏହି ଛୋଟିଆ ରାଜ୍ୟ ୧୭୦୦ ବର୍ଷରୁ ଊର୍ଦ୍ଧ୍ୱ ସମୟ ଧରି ନିଜର ସ୍ୱତନ୍ତ୍ରତା ବଜାୟ ରଖି ଆସିଛି।

**ଆର୍ମେନିଆ:** ଆର୍ମେନିଆର ଇତିହାସ ୮୬୦ ଖ୍ରୀଷ୍ଟାବ୍ଦ ବେଳକୁ ଆରମ୍ଭ ହୋଇଥିଲା, ଯେଉଁ ସମୟରେ କି ଉରାର୍ତ୍ତୁ ସାମ୍ରାଜ୍ୟ ସ୍ଥାପନ ହୋଇଥିଲା। ୩୦୧ ଖ୍ରୀଷ୍ଟାବ୍ଦରେ ଖ୍ରୀଷ୍ଟଧର୍ମକୁ ରାଷ୍ଟ୍ରଧର୍ମଭାବେ ଗ୍ରହଣ କରିଥିବା ଏହା ହେଉଛି ପ୍ରଥମ ରାଜ୍ୟ ମଧ୍ୟରେ ଅନ୍ୟତମ। ଆର୍ମେନୀୟ ହାଇଲାଣ୍ଡଗୁଡ଼ିକ ବିଭିନ୍ନ ସଭ୍ୟତାର ମିଳନସ୍ଥଳ ହୋଇଆସିଛି। ବିଂଶ ଶତାବ୍ଦୀର ପ୍ରାରମ୍ଭରେ ବିଦେଶୀଙ୍କ ପ୍ରଭାବ ବିସ୍ତାର ସହ ବିନାଶକାରୀ ନରସଂହାର ସତ୍ତ୍ୱେ ଆର୍ମେନିଆ ନିଜର ସାଂସ୍କୃତିକ ପରିଚୟ ଏବଂ ଐତିହାସିକ ନିରନ୍ତରତାକୁ ବଜାୟ ରଖିଛି।

**ଜର୍ଜିଆ:** ଏସିଆ ଓ ୟୁରୋପର ମିଳନସ୍ଥଳରେ ସ୍ଥିତ ଜର୍ଜିଆର ଇତିହାସ ପ୍ରାଚୀନ କୋଲସିସ୍‌ରୁ ପ୍ରାୟ ଖ୍ରୀ.ପୂ. ୧୨୦୦ ପର୍ଯ୍ୟନ୍ତ ଯାଏ। ଦ୍ୱାଦଶ ଓ ତ୍ରୟୋଦଶ ଶତାବ୍ଦୀରେ ରାଜା ଡେଭିଡ୍ ଚତୁର୍ଥ ଓ ରାଣୀ ତାମାରଙ୍କ ଶାସନ କାଳକୁ ଜର୍ଜିଆର ସୁବର୍ଣ୍ଣ ଯୁଗଭାବେ ଅଭିହିତ କରାଯାଏ। ଏହି ସମୟରେ ହିଁ ପ୍ରମୁଖ ସାଂସ୍କୃତି ଓ ରାଜନୈତିକ ସଫଳତା ଚରମ ସୀମାରେ ପହଞ୍ଚିଥିଲା। ଚତୁର୍ଥ ଶତାବ୍ଦୀର ପ୍ରାରମ୍ଭରେ ଖ୍ରୀଷ୍ଟଧର୍ମକୁ ଆପଣେଇବା ଦ୍ୱାରା ଜର୍ଜିଆକୁ ରାଷ୍ଟ୍ରୀୟ ପରିଚୟ ମିଳିଥିଲା।







# ଚିତ୍ର ଦେଇଛି ଆତ୍ମସନ୍ତୋଷ



**ସ**ମାଜର ବିଭିନ୍ନ ଘଟଣା ଓ ପ୍ରାକୃତିକ ଦୃଶ୍ୟରାଜିକୁ ନେଇ ତାଙ୍କର ଚିତ୍ରକଳା ଦୁନିଆ। ଦୈନନ୍ଦିନ ଘଟୁଥିବା ନାରୀମାନଙ୍କ ନାନା ସମସ୍ୟାକୁ ନେଇ ସେ ଚିତ୍ର ଆଙ୍କନ୍ତି। ଏମିତିରେ ପ୍ରାୟ ତିନିଦଶନ୍ଧିରୁ ଊର୍ଦ୍ଧ୍ୱ ସମୟ ବିତେଇ ସାରିଲେଣି ଚିତ୍ରକଳା ସାଧନାରେ। ତାଙ୍କ ଦ୍ୱାରା ଅଙ୍କିତ ଏକାଧିକ ଚିତ୍ର ରାଜ୍ୟ, ଜାତୀୟ ଓ ଅନ୍ତର୍ଜାତୀୟସ୍ତରୀୟ ପ୍ରଦର୍ଶନୀରେ ସ୍ଥାନ ପାଇଛି। ଏଥିପାଇଁ ତାଙ୍କୁ ମିଳିଛି ଅନେକ ପୁରସ୍କାର ଓ ସମ୍ମାନ। ସେ ହେଲେ ଶିଳ୍ପୀ **ମମତା ସାମନ୍ତରାୟ**। ଜନ୍ମ ୧୯୭୦ମସିହାରେ। ମାତା ସଂଯୁକ୍ତା ସାମନ୍ତରାୟ, ପିତା ଉମେଶ ଚନ୍ଦ୍ର ସାମନ୍ତରାୟ ଥିଲେ ଜଣେ ପୋଲିସ ଇନ୍ସପେକ୍ଟର। ଘର କଟକ ଜିଲାର କିଶୋର ନଗର ଅନ୍ତର୍ଗତ ହୁଲିପୁର ଗ୍ରାମରେ। ସେ କୁହନ୍ତି, ମୁଁ ଏବେ ରାଜ୍ୟ ପୋଲିସ ବିଭାଗରେ କାର୍ଯ୍ୟରତ। କିନ୍ତୁ ପିଲାଟିଦିନରୁ ଚିତ୍ରକଳା ପ୍ରତି ମୋର ରୁଚି ରହିଥିଲା। ଘରେ ଝୋଟି ପକାଇବା ସହ ପ୍ରାକୃତିକ ଦୃଶ୍ୟ ଓ ଦେବଦେବୀଙ୍କ ଚିତ୍ର ଆଙ୍କିବାକୁ ଭଲ ପାଉଥିଲି। ଚିତ୍ରକଳା ପ୍ରତି ମୋର ଆଗ୍ରହ ଦେଖି ବାପା ପ୍ରତି ରବିବାର କଟକ କଳାବିକାଶ କେନ୍ଦ୍ରକୁ ନେଉଥିଲେ। ସେତେବେଳେ କିଛି ଚିତ୍ର କେତୋଟି ପତ୍ରିକାରେ ପ୍ରକାଶିତ ହୋଇଥିଲା। ଜହ୍ନମାମୁ ବହିରେ ପ୍ରକାଶିତ ପେଣ୍ଟିଂ ପ୍ରତିଯୋଗିତାରେ ଭାଗନେଇ ପୁରସ୍କୃତ ହୋଇଥିଲି; ଯେଉଁଥିପାଇଁ ସ୍କୁଲର ଶିକ୍ଷକ ଶିକ୍ଷୟିତ୍ରୀମାନେ ମୋତେ ବହୁତ ପ୍ରଶଂସା କରିଥିଲେ। କିଶୋର ନଗର ଚିନ୍ତାମଣି ବିଦ୍ୟାପୀଠରେ ୧୦ମ ପଢ଼ା ସରିଲାପରେ କିଶୋର ନଗର କଲେଜରେ ଯୁକ୍ତ୨ ପଢିଥିଲି। ସମୟକ୍ରମେ ଆର୍ଟଶିକ୍ଷା ପାଇଁ ଭୁବନେଶ୍ୱର ସ୍ଥିତ ବିଭୂତି କାନୁନ୍‌ଗୋ ଚାରୁ ଓ କାରୁକଳା ମହାବିଦ୍ୟାଳୟକୁ ଯାଇଥିଲି। ୧୯୮୭ ମସିହାରେ ମୋ ଜୀବନରେ ଚିତ୍ରକଳା ପାଇଁ ଏକ ନୂତନ ଯାତ୍ରା ଆରମ୍ଭ ହୋଇଥିଲା। ଏହି କଲେଜ ପ୍ରବେଶିକା ପରୀକ୍ଷାରେ ପ୍ରଥମସ୍ଥାନ ପାଇଥିଲି। ଏହାପରେ ଚିତ୍ରକଳାରେ ପାଠପଢିବା ପାଇଁ ନାମ ଲେଖିଥିଲି। ୧୯୯୧ରେ ଏହି ଚାରୁ ଓ କାରୁକଳା ମହାବିଦ୍ୟାଳୟରୁ ପ୍ରଥମଶ୍ରେଣୀରେ ବି. ଫାଇନ ଆର୍ଟରେ ଡିଗ୍ରୀ ହାସଲ କରିଥିଲି। ତାରି ଭିତରେ ରାଜ୍ୟ ତଥା ଜାତୀୟସ୍ତରରେ ଆୟୋଜିତ ବହୁ ଚିତ୍ରକଳା ପ୍ରଦର୍ଶନୀରେ ଭାଗ ନେଇ ଉଚ୍ଚପ୍ରଶଂସିତ ହୋଇଥିଲି। ଶିଳ୍ପୀଗୁରୁ ସ୍ୱର୍ଗତ ବ୍ୟୋମକେଶ ମହାନ୍ତି, ଡ. ଦୀନନାଥ ପାଠୀ, ଶିବ ପାଣିଗ୍ରାହୀ, ଚନ୍ଦ୍ରଶେଖର ରାଓ, ବଳଦେବ ମହାରଥା ଏବଂ ଚନ୍ଦ୍ରମଣି ବିଶ୍ୱାଳଙ୍କ ସମେତ ବହୁ ଖ୍ୟାତନାମା ଶିଳ୍ପୀଗୁରୁଙ୍କ ଦିଗ୍‌ଦର୍ଶନରେ ମୋର ଚିତ୍ରକଳା ଶିକ୍ଷା ଅଧିକ ଋଦ୍ଧିମନ୍ତ ହୋଇପାରିଥିଲା। ଏମିତିରେ ପ୍ରାୟ ୩୫ବର୍ଷରୁ ଅଧିକ ସମୟଧରି ଚିତ୍ରକଳା ସାଧନାକୁ ଜାରିରଖିଛି। ରାଜ୍ୟ ବ୍ୟତୀତ ରାଜ୍ୟ ବାହାରେ ପ୍ରାୟ ୫୦ଟି ଚିତ୍ରକଳା ଶିବିରରେ ଯୋଗଦେଇ ସାରିଲିଣି। ଏଯାଏ ପ୍ରାୟ୨ଶହରୁ ଊର୍ଦ୍ଧ୍ୱ ଚିତ୍ରକଳା ପ୍ରର୍ଦଶନୀରେ ଯୋଗଦେବା ସହିତ ୩ଶହରୁ ଅଧିକ ଚିତ୍ର କରିସାରିଲିଣି। ବିଶେଷକରି ଗ୍ରାମୀଣ ମହିଳାଙ୍କ ଓଢ଼ଣିକୁ ନେଇ ସିରିଜ, ଗାନ୍ଧିଜୀଙ୍କ ଆର୍ଦଶକୁ ନେଇ ସିରିଜ ଚିତ୍ର ଏବଂ ଶ୍ରୀଜଗନ୍ନାଥ ସଂସ୍କୃତିକୁ ନେଇ ଏକ ସିରିଜ କରିଛି। ୧୯୯୧ରେ ପାଟନାଠାରେ ଆୟୋଜିତ ସର୍ବଭାରତୀୟସ୍ତରୀୟ ଚିତ୍ରକଳା ପ୍ରଦର୍ଶନୀରେ ଯୋଗଦେଇ ପୁରସ୍କୃତ ହୋଇଥିଲି। ସେହିପରି କଲିକତାରେ ଚିତ୍ରକଳା ପ୍ରଦର୍ଶନୀ, ଗାନ୍ଧିଜୀଙ୍କ ଚିତ୍ର କଳା ପାଇଁ ଓଡ଼ିଶାରୁ ୨୦୨୦ରେ, ଆନ୍ଧ୍ରପ୍ରଦେଶରୁ କଳାକଳ୍ପମ୍ ୨୦୨୨ରେ, ଧଉଳିଠାରେ ଆୟୋଜିତ ଅନ୍ତର୍ଜାତୀୟ ଆର୍ଟ ଫେଷ୍ଟିଭାଲ, ଶକୁନ୍ତଳା ଆର୍ଟ ଗ୍ୟାଲେରି, ଅନ୍ତର୍ଜାତୀୟ କଳାମେଳା, ଦକ୍ଷିଣକୋରିଆ, ଟୋକିଓ ଅଲିମ୍ପିକ୍ସ ଜାପାନ, କେନ୍ଦ୍ର ସରକାରଙ୍କ ଦ୍ୱାରା ଆୟୋଜିତ ନାଶିକ କଳା ପ୍ରଦର୍ଶନୀ, ଓଡ଼ିଶା ଲଳିତ କଳା ଏକାଡେମୀ, ଇଷ୍ଟ ଜୋନ କଳା ଶିବିର ପାଟନା, ଆଦିବାସୀ ଲୋକକଳା ଶିଳ୍ପୀଗ୍ରାମ ଖଜୁରାଓ ମଧ୍ୟପ୍ରଦେଶ, ଆଞ୍ଚଳିକ କଳାପ୍ରର୍ଦଶନୀ ଲଳିତକଳା ଏକାଡେମୀ ନୂଆଦିଲ୍ଲୀ, ଓଡ଼ିଶା ଲଳିତକଳା ଏକାଡେମୀ ତରଫରୁ ନାରୀଶିଳ୍ପୀ ଶିବିର, ଅନ୍ତର୍ଜାତୀୟ ଖଜୁରାଓ ଆର୍ଟ ମାର୍ଟ, ଜାତୀୟ ଚିତ୍ରକଳା ପ୍ରଦର୍ଶନୀ ଆଦି ସ୍ଥାନରେ ଚିତ୍ରକଳା ପ୍ରଦର୍ଶନୀ କରାଯାଇଥିଲା। ସେହିପରି ବି.କେ.ଆର୍ଟ କଲେଜ, ପଞ୍ଚ ତାରକା ସମାଜସେବୀ ସଂଗଠନ, ଶକୁନ୍ତଳା ଆର୍ଟ ଗ୍ୟାଲେରୀ, ଓଡ଼ିଶା ଗ୍ରାମ ଚେତନା ଆଦି ବହୁ ଅନୁଷ୍ଠାନରୁ ପୁରସ୍କୃତ ହୋଇଛି। ପ୍ରଥମେ ଯେତେବେଳେ ଚିତ୍ରକରିବାକୁ ବାହାରକୁ ଆସୁଥିଲି ଅନେକଙ୍କଠାରୁ ଭିନ୍ନ ଭିନ୍ନ କଥା ଶୁଣିବାକୁ ପଡୁଥିଲା। କିନ୍ତୁ ଗୋଟିଏ ଚିତ୍ରକୁ ସମ୍ପୂର୍ଣ୍ଣ କରିସାରିଲା ପରେ ସବୁକଷ୍ଟକୁ ଭୁଲି ଯାଇଥିଲି। ହଁ ପିଲାଦିନେ ମା'ବାପାଙ୍କ ପ୍ରେରଣା ଓ କଳାବିକାଶ କେନ୍ଦ୍ରର ଶିକ୍ଷା ମୋତେ ଜଣେ ଶିଳ୍ପୀ ଭାବେ ଗଢିତୋଳିଛି। ଏହି କ୍ଷେତ୍ରରେ ଆଉ ଅଧିକ ପଢିବା ପାଇଁ ଆଗ୍ରହ ରହିଥିଲେ ହେଁ ସେହି ସ୍ଥାନକୁ ଯାଇପାରି ନ ଥିବାରୁ ଅବସୋସ ରହିଯାଇଛି। ବଳକା ସମୟ ଏବଂ ଛୁଟିଦିନରେ ଏପରିକି ଚାକିରି କାର୍ଯ୍ୟସାରି ଘରକୁ ଫେରିଲା ପରେ ବେଳେବେଳେ ରାତିରେ ବି ଚିତ୍ରକଳାରେ ସମୟ ବିତେଇଥାଏ। ସତ କହିବାକୁ ଗଲେ ଚତ୍ରକଳା ମୋତେ ଆତ୍ମସନ୍ତୋଷ ଦିଏ।

–ବନବିହାରୀ ବେହେରା






ସମାଜର ବିଭିନ୍ନ ଘଟଣା, ପ୍ରାକୃତିକ ଦୃଶ୍ୟରାଜି, ନାରୀମାନଙ୍କ ନାନା ସମସ୍ୟାକୁ ନେଇ ସେ ଚିତ୍ର ଆଙ୍କନ୍ତି ; ଯେଉଁଥିରେ ସେ ପ୍ରାୟ ତିନିଦଶନ୍ଧିରୁ ଊର୍ଦ୍ଧ୍ୱ ସମୟ ବିତେଇ ସାରିଲେଣି। ତାଙ୍କ ଦ୍ୱାରା ଅଙ୍କିତ ଏକାଧିକ ଚିତ୍ର ରାଜ୍ୟ, ଜାତୀୟ ଓ ଅନ୍ତର୍ଜାତୀୟସ୍ତରୀୟ ପ୍ରଦର୍ଶନୀରେ ସ୍ଥାନ ପାଇଛି।







# ଆଖି

-ଲିପ୍ସା ପଟେଲ

**ସେ** ଆଖିରେ ଥାଏ
ଗୋଟେ ତାରାଭର୍ତ୍ତି ଆକାଶ....
ଯାହାର ଚମକରେ ପୁଲକିତ
ମୋର ତନୁ, ମନ।

ଉଜ୍ଜ୍ୱଳତାର ଦିଗ ବାରେଣି ପରି
ଧ୍ରୁବତାରାଟିଏ ତ ସେଇ ହଳେ ଆଖି
ଯାହାର ମାଦକତାରେ
ଆକ୍ରମାକ୍ତ ମୋର ଶରୀର ଆଉ ପ୍ରାଣ।

ଅତଳ ସମୁଦ୍ର ପରି ଗଭୀରତା
ସେଇ ଆଖିର.......
ଯାହାର ଆକର୍ଷଣରୁ ମୁକୁଳି ପାରେନି
ମୋର ଅଯତ୍ନବର୍ଦ୍ଧିତ ସମ୍ମୋହନ।

ମୋର ଖୁବ୍ ପ୍ରିୟ ତା'ର
ଏଇ ହଳେ ଆଖି.......
ସେଇ ନିବିଡତାରେ
କଟିଯାଉ ମୋର ତମାମ ଜୀବନ।

-ଭବାନୀପାଟଣା
ମୋ: ୯୪୩୯୪୦୦୩୪୮



# ସୌନ୍ଦର୍ଯ୍ୟ

-ନାରାୟଣ ବେହେରା

**କା**ତ୍ୟାୟନୀଙ୍କୁ 'କାଶତଣ୍ଡୀ'
କେବେ କୃଷ୍ଣଙ୍କୁ 'କୃଷ୍ଣଚୂଡ଼ା'
ବିଧାଣିର ଅନନ୍ୟ ଅନବଦ୍ୟ ସୃଷ୍ଟି
ଧରାକୁ ଦୁହିଁଙ୍କ ସୌନ୍ଦର୍ଯ୍ୟ ଲୋଡା।

ଅପେକ୍ଷା ଟା ନୁହେଁ ଯେ ସହଜ
ତଥାପି ଚାହିଁ ରହିଥାଏ ରାଣୀ
ହସି ହସି ମଳୟ ପବନେ
ମା' ଆସିବେ ଶରତ
ଆଗମନେ.....

ଗ୍ରୀଷମ ଝାଞ୍ଜିକୁ ପାନ କରି
ପ୍ରେମର ବାରତା ଭରି ଭରି
ମୋହି ନିଏ ନିତି ନିଜ ରଙ୍ଗେ
କୃଷ୍ଣ ପ୍ରେମ ଭରି ଅଙ୍ଗେ ଅଙ୍ଗେ..
ସତରେ...
ଏ ଆଖିକୁ ଯାହା କୋମଳ ଦିଶଇ
ତାହା ହିଁ ସୌନ୍ଦର୍ଯ୍ୟ
ଯାହା ମନକୁ ହରଇ
ତାହା ସ୍ୱର୍ଗୀୟ.....

-ରାମନଗର,
ତେଲେଙ୍ଗାପେଣ୍ଠ
ମୋ: ୭୯୭୮୯୬୧୩୫୧



# ମାନବିକତା

-ସର୍ବାଣୀ ପଟ୍ଟନାୟକ

**ମି**ଶ୍ର ବାବୁ ଭାରି ବ୍ୟସ୍ତ ଲୋକ । ବହୁତ ବଡ଼ ବିଚାରପତି ହେଇ ଅବସର ଗ୍ରହଣ କଲା ପରେ ଅନେକ ଜାଗାରୁ ତାଙ୍କୁ ମୁଖ୍ୟ ଅତିଥି ଭାବେ ନିମନ୍ତ୍ରଣ ଆସେ । ତାଙ୍କର ଭାଷଣଗୁଡିକ ଅନେକ ମର୍ମସ୍ପର୍ଶୀ ଓ ସମ୍ବେଦନଶୀଳ । ଗୁଡାଏ ଘଟଣା ଦୁର୍ଘଟଣାର ବିଚାର କରି କରି ତାଙ୍କ ଅନୁଭୂତି ପାକଳ ହୋଇଯାଇଥାଏ । ସେହି କଥାଗୁଡିକ ଲୋକଙ୍କ ହୃଦୟକୁ ଛୁଇଁଯାଏ । ଲୋକେ ତାଙ୍କର ଭୁରି ଭୁରି ପ୍ରଶଂସା କରନ୍ତି। ମଣିଷ ହେବ ତ ଏମିତି ବୋଲି କୁହାକୁହି ହୁଅନ୍ତି ।

ସେଦିନ ସେ ନୂଆ ଏକ ଅନାଥ ଆଶ୍ରମର ଉନ୍ମୋଚନ କାର୍ଯ୍ୟକ୍ରମରେ ଯୋଗ ଦେଇ ଫେରୁଥିଲେ । ମାନବିକତା ଉପରେ ତାଙ୍କର ସାତ ପୃଷ୍ଠାର ସାରଗର୍ଭକ ଭାଷଣ ସଭାରେ ଉପସ୍ଥିତ ଥିବା ସମସ୍ତଙ୍କ ମନକୁ ପ୍ରଭାବିତ କରିଥିଲା । ଏତେ ସୁନ୍ଦର ଭାଷଣ କହିଥିବା ମିଶ୍ର ବାବୁଙ୍କ ପାଦ ସ୍ପର୍ଶ କରି ପ୍ରଣାମ ଜଣାଇବା ପାଇଁ ଲୋକ ଲମ୍ବା ଧାଡି ଲଗେଇଥିଲେ। ନିଜେ ମିଶ୍ର ବାବୁ ଖୁବ୍ ଆତ୍ମସନ୍ତୋଷ ଲାଭ କରୁଥିଲେ ଶ୍ରୋତାଙ୍କ ପ୍ରତିକ୍ରିୟା ଦେଖି ।

ଗାଡିରେ ଫେରୁଥିବା ବେଳେ ତାଙ୍କର ବ୍ୟକ୍ତିଗତ ସହକାରୀ ସାଧୁ ବାବୁଙ୍କଠାରୁ ପର ଦିନର ଅନୁସୂଚୀ ବୁଝୁଥିବା ବେଳେ ହଠାତ୍ ଗାଡିରେ କିଛି ଗୋଟେ ବାଜି ବିକଟ ଶବ୍ଦ କଲା । କ'ଣ ହେଲା ପଚାରିବାରୁ ଡ୍ରାଇଭର କହିଲା, ''ଗୋଟେ ବଦମାସ କୁକୁର ଛୁଆ ଗାଡି ତଳକୁ ଆସିଗଲା। ଟିକେ ଦେଖି ଆସୁଛି କ'ଣ ହେଲା''। - ''ଓଃ କୁକୁର ଛୁଆଟେ ତ, ମଣିଷ ଛୁଆ କି ଗାଈ ବାଛୁରୀ ନୁହେଁ । ପଡ଼ିଥାଉ । କିଏ କହୁଥିଲା ଗାଡ଼ି ତଳକୁ ଆସିବାକୁ ! ଚାଲ ଚାଲ ଡେରି ହେଉଛି । କହିଲେ ମିଶ୍ର ବାବୁ ।'' ଆଜ୍ଞା ସାର୍ । ଡ୍ରାଇଭର କଥା ମାନି ଗାଡି ଆଗକୁ ବଢ଼େଇଲା । ଟିକକ ପୂର୍ବରୁ ଭାଷଣରେ ଚହଳ ପକେଇଥିବା ମାନବିକତାର ଏକରକମ ଆତ୍ମାହୁତି ଦେଖି ସାଧୁବାବୁ ନିର୍ବାକ ହୋଇଯାଇଥିଲେ ଯେମିତି ....।

-କଲିକତା, ମୋ: ୮୯୬୧୫୯୩୧୫୦



# ଅନନ୍ୟାଙ୍କ ସଜବାଜ

ଷ୍ଟାର କିଡ୍ ଅନନ୍ୟା ପାଣ୍ଡେ ଏବେ ପାଠ ପଢ଼ାଇବେ। ଏହାର ଅର୍ଥ ନୁହେଁ ଯେ, ସେ ଆକ୍ଟିଂକୁ ଗୁଡ୍‌ବାୟ କରି ଶିକ୍ଷକତା ଲାଇନ୍‌କୁ ବାଛି ନେଇଛନ୍ତି। ଅସଲ କଥା ହେଲା ଖୁବ୍‌ଶୀଘ୍ର ସେ ବଡ଼ ପରଦାରେ ଶିକ୍ଷୟିତ୍ରୀ ଭୂମିକାରେ ଦେଖାଦେବେ। ସେଥିପାଇଁ ଏବେଠାରୁ ସେ ପ୍ରସ୍ତୁତି ଆରମ୍ଭ କରିଦେଲେଣି। ଏଭଳି ଭୂମିକା ସମ୍ପର୍କରେ ଅନନ୍ୟା କହନ୍ତି, 'ଜଣେ ଶିକ୍ଷୟିତ୍ରୀ କେତେ କଷ୍ଟ କରି ନିଜ ପରିବାରକୁ ଚଳାଉଛି ପୁଣି ତା' ଜୀବନରେ କେତେ ବାଧାବିଘ୍ନ ଆସୁଛି ତାହାକୁ ଆଧାର କରି କାହାଣୀ ଆଗେଇଛି। ଏଭଳି ଭୂମିକା ପାଇଁ ମୁଁ ନିଜକୁ ମାନସିକ ସ୍ତରରେ ପ୍ରସ୍ତୁତ କରିସାରିଲିଣି। କେବଳ ସେତିକି ନୁହେଁ, କେତେଜଣ ସ୍କୁଲ ଶିକ୍ଷୟିତ୍ରୀଙ୍କ ସହ ଆଲୋଚନା କରି କେମିତି ପିଲାଙ୍କୁ ପଢ଼ା ଯାଏ ତାହା ଶିଖୁଛି। ଆଶା ରଖିଛି ମୋର ଏହି ଭୂମିକାକୁ ଦର୍ଶକ ପସନ୍ଦ କରିବେ।' ଅନ୍ୟପକ୍ଷରେ ଅନନ୍ୟାଙ୍କ ହାତରେ ଏବେ ୨-୩ଟି ଅଫର ରହିଛି।


ଅନନ୍ୟା

# ଅକ୍ସିଜେନ

ଜୀବଜଗତ ବଞ୍ଚିବା ପାଇଁ ଅମ୍ଳଜାନର ଆବଶ୍ୟକତା ରହିଛି। ଏବେ ତାହାକୁ ଭିତ୍ତି କରି ଏକ ଭିନ୍ନ ଧରଣର ଓଡ଼ିଆ ସିନେମା ନିର୍ମାଣ ହୋଇଛି। ଯାହାର ନାମ 'ଅକ୍ସିଜେନ୍'। ଅର୍ପି ପ୍ରଡକ୍ସନସ ବ୍ୟାନରରେ ଉକ୍ତ ସିନେମାଟିକୁ ପ୍ରସ୍ତୁତ କରାଯାଇଛି। ଏହାକୁ ନିର୍ଦ୍ଦେଶନା ଦେଇଛନ୍ତି ପିନୁ ନାୟକ। ଫିଲ୍ମ ବିଷୟରେ ସେ କହନ୍ତି, 'ଏହାର କାହାଣୀ ଚୟନ ସମୟରେ ବେଶ୍ ପରିଶ୍ରମ କରିବାକୁ ପଡିଥିଲା। ବିଶେଷଭାବରେ ସିନେମା ପାଇଁ କାହାଣୀଟିଏ ଖୋଜିବା ବେଳେ ମୁଁ ଦର୍ଶକଙ୍କ ମାନସିକତାକୁ ଗୁରୁତ୍ୱ ଦେଇଥାଏ। ଏହି ଫିଲ୍ମର ଶୁଟିଂ ସମୟରେ କିପରି କାହାଣୀଟିକୁ ଠିକ୍ ଭାବରେ ଜଷ୍ଟିସ ଦିଆଯାଇପାରିବ ସେ ନେଇ ଚେଷ୍ଟା କରାଯାଇଛି। ଏଥିରେ ଅଭିନୟ କରିଥିବା କଳାକାରମାନେ ମଧ୍ୟ ବେଶ୍ ପରିଶ୍ରମ କରିଛନ୍ତି। ଆଶା ରଖିଛି ଦର୍ଶକ ଫିଲ୍ମଟିକୁ ନିଶ୍ଚୟ ଗ୍ରହଣ କରିବେ।' ଏହାର ପ୍ରଯୋଜନା କରିଛନ୍ତି ଶିବ ପ୍ରସାଦ ପଣ୍ଡା ଏବଂ ସୁକେଶୀ ପଣ୍ଡା। କାହାଣୀ ସହ ଚିତ୍ରନାଟ୍ୟ ରଚନା କରିଛନ୍ତି ଡ.ରଶ୍ମୀ ରଞ୍ଜନ ପଣ୍ଡା। ଗୀତଗୁଡିକୁ ସ୍ୱର ଦେଇଛନ୍ତି ଅଭିଜିତ ମଜୁମଦାର। ସମ୍ୱିତ, ତମନ୍ନା, ବବି ମିଶ୍ର, ବାବୁ ପ୍ରଧାନ, ଡିସ୍କୋ ରେଡ୍ଡି, ଟନିଆ, ଥିନ୍, ରଶ୍ମୀ ପାଢ଼ୀ ଏବଂ ପ୍ରସନ୍ନ ସାହୁ ପ୍ରମୁଖ ଏଥିରେ ଅଭିନୟ କରିଛନ୍ତି। ଫିଲ୍ମଟି ଖୁବ୍ ଶୀଘ୍ର ରିଲିଜ ହେବ ବୋଲି ପ୍ରଯୋଜନା ସଂସ୍ଥା ପକ୍ଷରୁ ସୂଚନା ଦିଆଯାଇଛି।


ସମ୍ୱିତ-ତମନ୍ନା

# ଗୀତ ପାଇଁ ଦୁଇ ବର୍ଷ..

ସଞ୍ଜୟ ଲୀଳା ଭଁସାଲିଙ୍କ ନିର୍ଦ୍ଦେଶିତ 'ହମ୍ ଦିଲ୍ ଦେ ଚୁକେ ସନମ୍' ବେଶ୍ ଦର୍ଶକାଦୃତ ହୋଇଥିଲା। କେବଳ କାହାଣୀ ନୁହେଁ, ଏହାର ଗୀତଗୁଡ଼ିକ ଫିଲ୍ମଟିକୁ ହିଟ୍ ପର୍ଯ୍ୟାଭୁକ୍ତ କରାଇବାରେ ଯଥେଷ୍ଟ ସାହାଯ୍ୟ କରିଥିଲା। ୧୯୯୯ ଜୁନ୍ ୧୮ରେ ଫିଲ୍ମଟି ପରଦା ଉପରକୁ ଆସିଥିଲା। ସବୁଠାରୁ ଖାସ୍ କଥା ହେଲା, ଏହାର ପ୍ରାରମ୍ଭିକ ପ୍ରସ୍ତୁତି ସମୟରେ ସଞ୍ଜୟ କାହାଣୀ ସହ ଗୀତ ଉପରେ ମଧ୍ୟ ଗୁରୁତ୍ୱ ଦେଇଥିଲେ। ଚିତ୍ରଟିର ସ୍ୱର ସଂଯୋଜକ ଥିଲେ ବିଶିଷ୍ଟ ସଙ୍ଗୀତକାର ଇସ୍ମାଇଲ ଦରବାର। ଏଥିରେ ମୋଟ ୧୦ଟି ଗୀତ ଥିଲା। କିନ୍ତୁ ଏଗୁଡିକୁ ଶେଷ ରୂପ ଦେବାକୁ କେତେ ସମୟ ଲାଗିଥିଲା ଜାଣନ୍ତି ? ଦୁଇ ବର୍ଷ। ଏତେ ସମୟ ଧରି ଉଭୟ ସଞ୍ଜୟ ଏବଂ ଇସ୍ମାଇଲ କେବଳ ଗୀତ ଉପରେ ଧ୍ୟାନ ଦେଇଥିଲେ। ଫିଲ୍ମଟି ରିଲିଜ ହେବା ପୂର୍ବରୁ ଏହାର ଗୀତଗୁଡିକ ଶ୍ରୋତାଦୃତ ହୋଇସାରିଥିଲା। ଚିତ୍ରଟିର ପ୍ରମୁଖ ଭୂମିକାରେ ସଲମାନ୍ ଖାଁ, ଅଜୟ ଦେବଗନ ଏବଂ ଐଶ୍ୱର୍ଯ୍ୟା ରାୟ ଅଭିନୟ କରିଥିଲେ। ୧୮୮ ମିନିଟ୍ ଅବଧି ବିଶିଷ୍ଟ ଏହି ଫିଲ୍ମର ବଜେଟ୍ ଥିଲା ମାତ୍ର ୧୬କୋଟି ଏବଂ ବକ୍ସ ଅଫିସରେ ୫୧କୋଟି ଇନକମ୍ କରିଥିଲା।


ଐଶ୍ୱର୍ଯ୍ୟା

# ସହ-ନିର୍ଦ୍ଦେଶନାରୁ ଆରମ୍ଭ

ବଲିଉଡ୍‌ରେ ସିଦ୍ଧାର୍ଥ ମଲହୋତ୍ରା ଏବେ ନିଜ ଆକ୍ଟିଂ କ୍ୟାରିୟର ଜାରି ରଖିଛନ୍ତି। ହେଲେ ଅଭିନୟ କରିବା ପୂର୍ବରୁ ସେ ଧର୍ମା ପ୍ରଡକ୍ସନ ବ୍ୟାନରରେ ନିର୍ମିତ 'ମାଇଁ ନେମ୍ ଇଜ୍ ଖାନ୍'ରେ କାମ କରିଥିଲେ। ହେଲେ ସେତେବେଳେ ସେ ଏଥିରେ କେଉଁ ଦାୟିତ୍ୱ ତୁଲାଇଥିଲେ ଜାଣନ୍ତି କି ? କରନ୍ ଜୋହରଙ୍କୁ ସେ ନିର୍ଦ୍ଦେଶନାରେ ସାହାଯ୍ୟ କରୁଥିଲେ। ଅର୍ଥାତ୍, ଜଣେ ସହ-ନିର୍ଦ୍ଦେଶକ ଭାବରେ ତାଙ୍କର କ୍ୟାରିୟର ଆରମ୍ଭ ହୋଇଥିଲା। କିନ୍ତୁ କରନ୍ ପରବର୍ତ୍ତୀ ସମୟରେ ତାଙ୍କୁ ଅଭିନେତା ଭାବରେ ବ୍ରେକ୍ ଦେଇଥିଲେ। 'ଷ୍ଟୁଡେଣ୍ଟ ଅଫ ଦ ଇୟର' ଥିଲା ସିଦ୍ଧାର୍ଥଙ୍କ ପ୍ରଥମ ଚଳଚ୍ଚିତ୍ର। ଫିଲ୍ମଟିର ସଫଳତା ପରେ ଜଣେ ଅଭିନେତା ହେବା ନିଶା ତାଙ୍କର ଦ୍ୱିଗୁଣିତ ହୋଇଯାଇଥିଲା। ତା'ପରେ ସେ ବେଶ୍ କେତୋଟି ସିନେମାର ଅଭିନୟ କରି ଦର୍ଶକଙ୍କ ମନ ଜିଣିବାରେ ସକ୍ଷମ ହୋଇଛନ୍ତି। ସିଦ୍ଧାର୍ଥଙ୍କ ଅଭିନୀତ ପ୍ରମୁଖ ଚଳଚ୍ଚିତ୍ରଗୁଡିକ ହେଉଛି- 'ହସି ତୋ ଫସି', 'ଏକ୍ ଭିଲେନ୍', 'ବ୍ରଦର୍ସ', 'ବାର୍ ବାର୍ ଦେଖୋ', ' 'କପୁର ଆଣ୍ଡ ସନ୍‌ସ', 'ଥ୍ୟାଙ୍କ ଗଡ୍', 'ଏ ଜେଣ୍ଟଲମ୍ୟାନ୍', 'ମରଜାଓ୍ୱାଁ', 'ମିଶନ ମଜ୍‌ନୁ' ଏବଂ 'ୟୋଦ୍ଧା। ସିଦ୍ଧାର୍ଥ କୁହନ୍ତି,'ଭୂମିକା ଯାହା ବି ମିଳୁ ତାହାକୁ ଭଲଭାବେ ତୁଲାଇବାକୁ ମୁଁ ଚେଷ୍ଟା କରେ।'


ସିଦ୍ଧାର୍ଥ

# କଥା ରଖିଲେ ପୂଜା

ପୂଜା ହେଗଡେ ଯାହା କହିଥିଲେ ତାହା ପୂରଣ କରିଛନ୍ତି। କଥା କ'ଣ କି ସେ ନିକଟରେ ଏକ ଅନଟାଇଟଲ୍‌ଡ ଫିଲ୍ମର ଶୁଟିଂ ଶେଷ କରି ବିଦେଶରୁ ଫେରିଛନ୍ତି। ଏହାର ଶୁଟିଂ ସମୟରେ ସେ ତାଙ୍କର କେତେ ଜଣ ସାଙ୍ଗଙ୍କୁ ଏକ ଡିନର ପାର୍ଟି ଦେବାକୁ କହିଥିଲେ। ଯେହେତୁ ୟୁନିଟ୍ ବିଦେଶରେ ଥିଲା, ତେଣୁ ମୁମ୍ବାଇ ଫେରିଲେ ସାଙ୍ଗମାନଙ୍କ କଥା ନିଶ୍ଚୟ ରଖିବି ବୋଲି ସେ କହିଥିଲେ। ଏ ନେଇ ପୂଜା କହନ୍ତି, 'ମୁଁ ସେତେବେଳେ ପ୍ୟାରିସ୍‌ରେ ଥିଲି। ଯେହେତୁ ମୋ ଫିଲ୍ମର ଦୁଇ ସପ୍ତାହବ୍ୟାପୀ ଶୁଟିଂ ସିଡ୍ୟୁଲ ସେଠାରେ ଥିଲା, ତେଣୁ ମୋତେ ସେଠାରେ ରହିବାକୁ ପଡିଥିଲା। ଯେତେବେଳେ ମୋ ସାଙ୍ଗମାନେ ମୋତେ ଡିନର ପାର୍ଟି କଥା କହିଲେ ସେମାନଙ୍କ ଅନୁରୋଧକୁ ଏଡାଇ ପାରି ନ ଥିଲି।' ନିକଟରେ ସେ ଏକ ବଡ ହୋଟେଲରେ ଏହି ଡିନର ପାର୍ଟିର ଆୟୋଜନ କରିଥିଲେ। ତାଙ୍କର ସାଙ୍ଗମାନେ ସେଠାରେ ଉପସ୍ଥିତ ରହି ପାର୍ଟିର ମଜା ଉଠାଇଥିଲେ।


ପୂଜା

# ରହସ୍ୟ ଖୋଲିଲେ ଶ୍ରଦ୍ଧା

ଶ୍ରଦ୍ଧା କପୁରଙ୍କ ଡିମାଣ୍ଡ ଏବେ କାହିଁରେ କେତେ। 'ସ୍ତ୍ରୀ-୨' ସୁପରହିଟ୍ ହେବା ସହ ବକ୍ସ ଅଫିସରେ ରେକର୍ଡ ସୃଷ୍ଟି କରିଛି। ଏପରିକି ଶାହରୁଖ ଅଭିନୀତ 'ପଠାନ୍'ର ଇନକମ୍‌କୁ ମଧ୍ୟ ଏହା ଟପି ଯାଇଛି। ଏକ ହରର୍ ଫିଲ୍ମ ଭାବରେ ଆଶାତୀତ ସଫଳତା ହାସଲ କରିଛି ଏହି ଚିତ୍ର। ଉକ୍ତ ଫିଲ୍ମରେ ଶ୍ରଦ୍ଧା ସ୍ତ୍ରୀ ଭୂମିକାରେ ଅଭିନୟ କରିଛନ୍ତି। ତେବେ ଏହାର ଶୁଟିଂ ପୂର୍ବରୁ ନିଜ ରୋଲ୍‌କୁ କିପରି ଜଷ୍ଟିସ ଦେବେ ସେ ନେଇ ଶ୍ରଦ୍ଧା ଚିନ୍ତାରେ ପଡିଥିଲେ। ଏହି ସମୟରେ ତାଙ୍କର ପାପା ତଥା ବଲିଉଡ୍‌ର ବିଶିଷ୍ଟ ଖଳନାୟକ ଶକ୍ତି କପୁର ସହଯୋଗର ହାତ ବଢ଼ାଇଥିଲେ। ଏ ନେଇ ଶ୍ରଦ୍ଧା କହନ୍ତି, 'ଥରେ ମୁଁ ଘରେ ବସି ଏହି ଫିଲ୍ମ ବିଷୟରେ ଚିନ୍ତା କରୁଥାଏ। ସେତିକିବେଳକୁ ପାପା ମୋତେ ଏଭଳି ଚୁପଚାପ ହୋଇ ବସିଥିବା ଦେଖି ପଚାରିଲେ- ଆରେ, ଏମିତି କାହିଁକି ଚୁପଚାପ ବସିଛୁ ? ତା'ପରେ ମୁଁ ସବୁକଥା କହିଥିଲି। ସେ ମୋତେ କେତୋଟି ଟିପ୍ସ ଦେଇଥିଲେ, ଯାହାକୁ ପାଥେୟ କରି ବିନା ଟେନସନ୍‌ରେ ଶୁଟିଂ ଶେଷ କରିଥିଲି। ତେଣୁ ଏହି ଫିଲ୍ମରେ ମୋ ଭୂମିକାର ସଫଳତା ପଛରେ ମୋ ପାପାଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି।' ଅମର କୌଶିକଙ୍କ ନିର୍ଦ୍ଦେଶିତ ଏହି ଫିଲ୍ମରେ ରାଜକୁମାର ରାଓ, ପଙ୍କଜ ତ୍ରିପାଠୀ, ଅଭିଷେକ ବାନାର୍ଜୀ ପ୍ରମୁଖ କଳାକାର ଅଭିନୟ କରିଛନ୍ତି।


ଶ୍ରଦ୍ଧା

# ମନ ସାଥେ ମନ ବସିଛି ମିତ, ଖୁସିରେ ଗାଉଛି ପ୍ରେମର ଗୀତ

**ସାଥୀ**

**ପ୍ରଶ୍ନ**–ଜଣେ ସୁନ୍ଦରୀ ମୋ ମନରେ ଘର କରିସାରିଛି। ହେଲେ ସେ ମୋତେ ଭଲ ପାଉଛି କି ନାହିଁ ଜାଣିପାରୁନାହିଁ। କ'ଣ କରିବି ?

*–ନରେନ୍ଦ୍ର କୁମାର, ଆଠଗଡ*

**ଉତ୍ତର :** ଯାହାକୁ ଆପଣ ନିଜ ମନ ଭିତରେ ସ୍ଥାନ ଦେଇସାରିଛନ୍ତି ତାକୁ ବୋଧହୁଏ ଭଲ ଭାବରେ ଚିହ୍ନି ନାହାନ୍ତି । ନ ହେଲେ ଏମିତି ଏକତରଫା ପ୍ରେମରେ ବୁଡି ଯାଇ ନ ଥାନ୍ତେ। ଯଦି ସେହି ମନର ମାନସୀ ବିଷୟରେ କିଛି ଜାଣିଛନ୍ତି ତେବେ ତାକୁ ଭେଟିବାକୁ ଚେଷ୍ଟା କରନ୍ତୁ। ସେହି ସମୟରେ ବେଳକାଳ ଦେଖି ନିଜ ମନ ଭିତରେ ଆନ୍ଦୋଳିତ ହେଉଥିବା ବହୁ ଦିନର କଥା ତା' ସାମନାରେ ଉଗାଳି ପକାନ୍ତୁ। 'ମନ ସାଥେ ମନ ବସିଛି ମିତ, ଖୁସିରେ ଗାଉଛି ପ୍ରେମର ଗୀତ' । ଯଦି ପାଣିପାଗ ଠିକ୍ ରହିଲା ତେବେ ଜାଣି ନିଅନ୍ତୁ ଯେ ଆପଣଙ୍କ ଆଶା ପୂରଣ ହୋଇଯାଇଛି।

**ପ୍ରଶ୍ନ**–ମୋ ସ୍ୱପ୍ନ ସୁନ୍ଦରୀ ମୋତେ କଣେଇ କଣେଇ ଚାହୁଁଛି। ବେଳେବେଳେ ହସି ଦେଉଛି। ହେଲେ ତାକୁ ଯଦି ମୋ ମନର କଥା କୁହେ, ହୁଏତ ସେ ତାକୁ ଗ୍ରହଣ କରି ନ ପାରେ। ଏବେ ମୁଁ କ'ଣ କଲେ ଠିକ୍ ହେବ ?

*–ସୁମିତ କୁମାର, ବ୍ରହ୍ମପୁର*

**ଉତ୍ତର :** ଆପଣଙ୍କ ସ୍ୱପ୍ନ ସୁନ୍ଦରୀର ସେହି କଣେଇ କଣେଇ ଚାହାଣୀରେ ପ୍ରେମର ପହିଲି ଇସାରା ଲୁଚି ରହିଛି। କେବଳ ମନକୁ ଥଣ୍ଡା କରି ତାହାକୁ ଭଲ ଭାବରେ ତର୍ଜମା କରନ୍ତୁ। ଯଦି ପ୍ରେମ କରିବାକୁ ଅଣ୍ଟା ଭିଡିଛନ୍ତି ତେବେ ମନରେ କୌଣସି ପ୍ରଶ୍ନବାଚୀ ରଖନ୍ତୁ ନାହିଁ। ନିଜ ଉପରେ ଶତ ପ୍ରତିଶତ ଭରସା ରଖନ୍ତୁ। ଏପରି ବଲ୍ ପକାନ୍ତୁ ଯେମିତି ଆପଣଙ୍କ ପ୍ରେମିକା ଏକାଥରେ କ୍ଲିନ୍ ବୋଲ୍ଡ ହୋଇଯିବ।

**ପ୍ରଶ୍ନ**–ମୋ ସାଙ୍ଗ କଥାରେ ପଡି ମୁଁ ଜଣେ ଝିଅକୁ ଭଲ ପାଇଲି। ବେଶ୍ କିଛି ମାସ ଆମର ପ୍ରେମ ଆଗକୁ ଆଗେଇଲା। ହେଲେ ଏବେ ମୋ ପ୍ରେମିକା ମୋଠାରୁ ଦୂରେଇ ଯିବାକୁ ଚାହୁଁଛି। ଶୁଣିବାକୁ ପାଉଛି ଯେ ସେ ଏବେ ମୋର ସେହି ସାଙ୍ଗ ପ୍ରେମରେ ପଡିଯାଇଛି। ମୁଁ ଏବେ କ'ଣ କରିବି ?

*–ଅନନ୍ତ ସାହୁ, ବଲାଙ୍ଗୀର*

**ଉତ୍ତର :** ସାଙ୍ଗ କଥାରେ ପଡି ଯାହାକୁ ଭଲ ପାଇ ବସିଲେ, ତା' ପୂର୍ବରୁ ସେ ବିଷୟରେ ଭଲ ଭାବରେ ଚିନ୍ତା କରିବାର ଥିଲା। କାରଣ ପ୍ରେମିକା ଚଏସ୍ କରିବା ସମୟରେ ବୋଧହୁଏ କିଛି ଭୁଲ ଭଟକା ରହିଯାଇଛି। ଯେଉଁ କଥା ଆପଣ ଶୁଣୁଛନ୍ତି ତାହା କେତେ ସତ ତାହା ପ୍ରଥମେ ଜାଣନ୍ତୁ। ପୁଣି ଉଲ୍ଲେଖ କରିଛନ୍ତି ଯେ, ଆପଣଙ୍କ ପ୍ରେମିକା ଆପଣଙ୍କଠାରୁ ଦୂରେଇ ଯିବାକୁ ଚାହୁଁଛି। ଯଦି ଏକଥା ସତ ହୋଇଥାଏ, ତେବେ ସେଭଳି ପ୍ରେମ ଆଉ ପ୍ରେମିକା ଉପରେ ଭରସା କରିବା ଠିକ୍ ନୁହେଁ। କାରଣ ସେ ହୁଏତ ଅଧା ବାଟରେ ଆପଣଙ୍କ ହାତ ଛାଡି ଦେବାର ଯଥେଷ୍ଟ ସମ୍ଭାବନା ରହିଛି। ତେଣୁ ଅବସ୍ଥା ଦେଖି ବ୍ୟବସ୍ଥା କରନ୍ତୁ।

**ପ୍ରଶ୍ନ**–ପ୍ରେମ କଲେ କେମିତି ଲାଗେ କହିବେ କି ସାଥୀ ?

*–ସୁବାସ, କଟକ*

**ଉତ୍ତର :** ପ୍ୟାର୍ କା ଲଡ୍ଡୁ, ଜୋ ଖାୟା ପସ୍ତାୟା, ଜୋ ନେହିଁ ଖାୟା ଓ ଭି ପସ୍ତାୟା। ତେଣୁ ଯିଏ ସଚ୍ଚା ଦିଲ୍‌ରେ ପ୍ରେମ କରିଛି ସେ ହିଁ ପ୍ରେମର ଅସଲ ଚାର୍ମ କ'ଣ ତାହା ଜାଣିପାରିଛି। ଯଦି ପ୍ରେମ କେବଳ ନାମକୁ ମାତ୍ର କରୁଥାଆନ୍ତି ତେବେ ତାହା ସବୁବେଳେ ପାଣିଚିଆ ଲାଗିଥାଏ। ତେଣୁ ନିଜ ପ୍ରେମ ଆଉ ପ୍ରେମିକା ଉପରେ ଶତ ପ୍ରତିଶତ ବିଶ୍ୱାସ ରଖନ୍ତୁ। ପ୍ରେମରେ ଯେମିତି ଅବିଶ୍ୱାସର ଭାଇରସ୍ ଏଣ୍ଟ୍ରି ନ କରେ ସେଥିପ୍ରତି ସତର୍କ ରୁହନ୍ତୁ। କାରଣ ସେପରି ପ୍ରେମ ମାଗି ଆଣିବା ତରକାରୀ ଷୋଡକାଏ ପରି ହୋଇଥାଏ।



## ପ୍ରଥମ ରୋଜଗାର

# ଟ୍ୟୁଶନରୁ ହୋଇଥିଲା ପ୍ରଥମ ରୋଜଗାର



ସ୍ତମ୍ଭକାର **ରବି ନାରାୟଣ ପଟ୍ଟନାୟକ** ନିଜ ପ୍ରଥମ ରୋଜଗାର ସମ୍ପର୍କରେ ଯାହା କୁହନ୍ତି...

**ଭୁ**ବନେଶ୍ୱର ପଟିଆ ଅଞ୍ଚଳରେ ମୁଁ ରୁହେ। ବାପା ଡା. ରାମଚନ୍ଦ୍ର ପଟ୍ଟନାୟକ ଓ ମା' ବାସନ୍ତୀ ପଟ୍ଟନାୟକଙ୍କର ମୁଁ ହେଲି ଏକମାତ୍ର ପୁଅ ପୁଣି ସବୁଠୁ ସାନ। ମୋ ଉପରେ ବଡ଼ ତିନି ଭଉଣୀ। ତେଣୁ ଖୁବ୍ ଗେହ୍ଲାରେ ମୋର ଛୋଟବେଳ କଟିଛି। ଆମ ଚାରି ଭାଇଭଉଣୀଙ୍କୁ ମଣିଷ କରିବାକୁ ମା'ବାପା କରିଥିବା କଷ୍ଟକୁ ଛୋଟବେଳୁ ମୁଁ ଅନୁଭବ କରିଆସିଛି ; ଯଦିଓ ମା'ବାପା କେବେ ଜଣେଇବାକୁ ଦିଅନ୍ତି ନାହିଁ। ସେଥିପାଇଁ ମୋର ଲକ୍ଷ୍ୟ ଥିଲା ବଡ଼ ହୋଇ ମା'ବାପାଙ୍କ ପାଇଁ କିଛି କରିବି ବୋଲି! ତେଣୁ ୟୁନିଟ୍–୩ କ୍ୟାପିଟାଲ ହାଇସ୍କୁଲରୁ ମାଟ୍ରିକ ପାସ୍ କରିବା ପରେ ବିଜୁ ପଟ୍ଟନାୟକ କଲେଜରେ ପଢ଼ିଲି। ଆଉ ଏହି ସମୟରେ ହିଁ ନିଜେ କିଛି ରୋଜଗାର କରିବା ପାଇଁ ପିଲାଙ୍କୁ ଟ୍ୟୁଶନ କରିବା ଆରମ୍ଭ କଲି। ଟ୍ୟୁଶନରୁ ମୋର ପ୍ରଥମ ରୋଜଗାର ହେଲା ୧୦୦୦ ଟଙ୍କା ; ଯେଉଁଥିରୁ କିଛି ଟଙ୍କା ବିନିମୟରେ ମା'ଙ୍କ ପାଇଁ ଶାଢ଼ି, ବାପାଙ୍କ ପାଇଁ ପେନ୍ ଏବଂ ଭଉଣୀମାନଙ୍କ ପାଇଁ କିଛି ଉପହାର କିଣି ଆଣି ଦେଇଥିଲି। ଉପହାର ପାଇ ସମସ୍ତେ ବହୁତ ଖୁସି ହୋଇଥିଲେ ଆଉ ମୋତେ ଆଶୀର୍ବାଦ କରିଥିଲେ ଜୀବନ ପଥରେ ଆହୁରି ଆଗକୁ ଯିବାପାଇଁ। ସେମାନଙ୍କ ଆଶୀର୍ବାଦରୁ କମର୍ସରେ ସ୍ନାତକ ପାସ୍ କରିବା ପରେ କଷ୍ଟିଂରେ ପ୍ରଫେଶନାଲ କୋର୍ସ କଲି ଏବଂ ଭୁବନେଶ୍ୱରରେ ଚାକିରି କରିବାକୁ ଲାଗିଲି। ଚାକିରି ଜୀବନ ଛଡ଼ା ଲେଖାଲେଖିରେ ବି ମୋର ରୁଚି ରହିଥିଲା। କଲେଜ ପଢ଼ିଲାବେଳୁ ଲେଖାଲେଖିର ଏହି ଧାରା ଆରମ୍ଭ ହୋଇଥିଲା। ବିଭିନ୍ନ ହିତୋପଦେଶ ଉପରେ ଆଧାରିତ ଗପ ଲେଖିବାକୁ ଭଲ ପାଉଥିଲି। ଆଉ ତାକୁ ହିଁ ଆଧାର କରି 'ହଜି ଗଲାଣି ଆଈ ମା' କାହାଣୀ' ଶୀର୍ଷକ ଏକ ଗଳ୍ପ ସଂକଳନ ମୋର ପ୍ରକାଶିତ ହେଲା। କ୍ରମେ ବିଭିନ୍ନ ବିଷୟବସ୍ତୁକୁ ଆଧାର କରି ସ୍ତମ୍ଭ ଲେଖିଲି। ୟା' ଭିତରେ ମୋ ଲିଖିତ ପ୍ରାୟ ୨୦୦ଟି ଆର୍ଟିକିଲ୍ ବିଭିନ୍ନ ଖବରକାଗଜରେ ପ୍ରକାଶିତ ହୋଇ ପାଠକାଦୃତ ହୋଇସାରିଛି। ଏହାଛଡ଼ା ରକ୍ତଦାନ ହେଉ କି ବୃକ୍ଷରୋପଣ ନିଜେ କରିବା ସହ ଅନ୍ୟମାନଙ୍କୁ ଏଥିପାଇଁ ଉତ୍ସାହିତ କରିଥାଏ। ଖାସ୍ ଏହିସବୁ କାର୍ଯ୍ୟ ପାଇଁ ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ମୋତେ ପୁରସ୍କାର ଓ ସମ୍ମାନିତ ମଧ୍ୟ କରାଯାଇଛି। ସେଥିପାଇଁ ମୁଁ ସବୁବେଳେ କହେ, ପରିବାର ସଦସ୍ୟଙ୍କ ପ୍ରେରଣା ଓ ଆଶୀର୍ବାଦ ଥିଲେ ଜଣେ ବ୍ୟକ୍ତି ଜୀବନରେ ବହୁତ କିଛି କରିପାରିବ।

# ଖଦି ଫ୍ୟାଶନ

ଦିନ ଥିଲା ଜାତିର ପିତା ମହାତ୍ମାଗାନ୍ଧୀ ଖଦିକୁ ଘରେ ଘରେ ପହଁଞ୍ଚାଇବା ପାଇଁ ଖୁବ୍ ଚେଷ୍ଟା କରୁଥିଲେ ଆଉ ସ୍ୱଦେଶୀ ଜିନିଷକୁ ନିଜର କରିବାକୁ ଲୋକମାନଙ୍କ ମନରେ ଉତ୍ସାହ ଭରି ଦେଉଥିଲେ। ତା'ସତ୍ତ୍ୱେ ବି ଅନେକ ବର୍ଷ ପର୍ଯ୍ୟନ୍ତ ଲୋକେ ଖଦିକୁ ସମ୍ପୂର୍ଣ୍ଣ ଭାବେ ନିଜର କରିପାରି ନଥିଲେ। କିନ୍ତୁ ଏଇ କିଛି ବର୍ଷ ହେବ ଫ୍ୟାଶନ ୱାର୍ଲ୍ଡରେ ଖଦି ନେଇଛି ଏକ ସ୍ୱତନ୍ତ୍ର ସ୍ଥାନ। ଫ୍ୟାଶନ ଡିଜାଇନର୍‌ମାନେ ଖଦିକୁ ବେଶ୍ ପ୍ରମୋଟ ବି କରୁଛନ୍ତି; ଯାହା ଫଳରେ ସାରା ବିଶ୍ୱରେ ସେଲିବ୍ରିଟିଙ୍କଠାରୁ ଆରମ୍ଭ କରି ସାଧାରଣ ଲୋକେ ବି ଖଦିକୁ ବେଶ୍ ପସନ୍ଦ କଲେଣି । ତା'ହେଲେ ଜାଣନ୍ତୁ ଖଦିର କିଛି ଲାଟେଷ୍ଟ ଟ୍ରେଣ୍ଡ ସମ୍ପର୍କରେ...

* **ଖଦି ଶାଢ଼ି:** ଏବେ ବିଶେଷକରି କର୍ମଜୀବି ମହିଳାମାନେ ହ୍ୟାଣ୍ଡଲୁମ୍ ଶାଢ଼ି ହେଉ କି ଖଦି କଟନ୍ ଶାଢ଼ି ପିନ୍ଧିବାକୁ ବେଶୀ ପସନ୍ଦ କରୁଥିବା ଦେଖିବାକୁ ମିଳୁଛି। ଟିକେ ଡିଫରେଣ୍ଟ ଲୁକ୍ ପାଇଁ ଅନେକେ ଖଦି ଶାଢ଼ି ସାଙ୍ଗରେ ବେଲ୍ଟ ଟ୍ରାଏ ବି କରୁଛନ୍ତି। ତେବେ ଖଦି ଶାଢ଼ି ସାଙ୍ଗକୁ ହାଲ୍‌କା ଜୁଏଲେରୀ ଓ ଲେଦର୍ ହ୍ୟାଣ୍ଡବ୍ୟାଗ୍ ଆଉ ତା'ସାଙ୍ଗକୁ ହାଲ୍‌କା ମେକ୍‌ଅପ୍ ନେଲେ ଲୁକ୍ ବେଶ୍ ଆଟ୍ରାକ୍ଟିଭ୍ ଲାଗିଥାଏ ।
* **ଖଦି କୁର୍ତ୍ତା:** ଝିଅ ହୁଅନ୍ତୁ କି ପୁଅ ଉଭୟ ଯେ କୌଣସି ସମୟରେ ଖଦିର କୁର୍ତ୍ତା ପିନ୍ଧିପାରିବେ। କାରଣ ଏହାର ଫ୍ୟାଶନ କେବେ ବି ଆଉଟ୍ ଅଫ୍ ଟ୍ରେଣ୍ଡ ହୁଏନାହିଁ। ଝିଅମାନେ ଜିନ୍ସ ହେଉ କି ଲେଗିଙ୍ଗ୍ସ ସହିତ ଖଦି କୁର୍ତ୍ତି ପିନ୍ଧି ସ୍ମାର୍ଟ ଲୁକ୍ ପାଇପାରିବେ। ଅନ୍ୟପକ୍ଷେ ପୁଅମାନେ ଷ୍ଟାଇଲିଶ୍ ଦେଖାଯିବା ପାଇଁ ଖଦିର ସର୍ଟ କୁର୍ତ୍ତା ସାଙ୍ଗକୁ ପାଇଜାମା ଟ୍ରାଏ କରିପାରିବେ। ନଚେତ୍ ଡେନିମ୍ ସାଙ୍ଗରେ ବି ଖଦି କୁର୍ତ୍ତା ପିନ୍ଧି ସୋବର୍ ଲୁକ୍ ପାଇପାରିବେ।
* **ଖଦି କୁର୍ତ୍ତା ଓ ଜ୍ୟାକେଟ୍:** ଏବେ ଖଦି କୁର୍ତ୍ତା ଆଉ ତାକୁ ମ୍ୟାଚିଂ କରି ଜ୍ୟାକେଟ୍ ପିନ୍ଧିବାର ଟ୍ରେଣ୍ଡ ବି ଖୁବ୍ ଚାଲିଛି। ଉଭୟ ପୁଅଝିଅଙ୍କ ପାଇଁ ସ୍ୱତନ୍ତ୍ର ଡିଜାଇନ୍‌ର ଏହି ଆଉଟ୍‌ଫିଟ୍ ବେଶ୍ ଆରାମରେ ଉପଲବ୍ଧ ମଧ୍ୟ ହୋଇଯାଉଛି। ଏହି ଷ୍ଟାଇଲ୍ ଟ୍ରାଡିସନାଲ୍ ହେଲେ ବି ଯୁବପିଢ଼ିଙ୍କୁ କ୍ଲାସି ଲୁକ୍ ଦେଇଥାଏ ।
* **ଖଦି ୱେଷ୍ଟର୍ନ ଆଉଟ୍‌ଫିଟ୍:** ଖଦିର କେବଳ ଟ୍ରାଡିସନାଲ୍ ନୁହେଁ ୱେଷ୍ଟର୍ନ ୱେର୍ ବି ଉପଲବ୍ଧ ହେଲାଣି। ଖାସ୍‌କରି ଖଦିର ବିଭିନ୍ନ ଡିଜାଇନର୍ ଟପ୍ସର ଏବେ ବେଶ୍ ଚାହିଦା ରହୁଥିବା ଦେଖିବାକୁ ମିଳୁଛି। ତା'ଛଡ଼ା ଖଦିର ଫ୍ରକ୍, ଖଦିର ସ୍କର୍ଟ, ସର୍ଟ୍ସ ଆଦିକୁ ବି ଯୁବପିଢ଼ି ଖୁବ୍ ପସନ୍ଦ କରୁଛନ୍ତି।

## କିଛି ଟିପ୍ସ

– ଖଦି ଆଉଟ୍‌ଫିଟ୍‌ର ବିଶେଷତ୍ୱ ହେଉଛି ଏହା ଶରୀରକୁ ଖରାଦିନେ ଥଣ୍ଡା ଓ ଶୀତଦିନେ ଉଷ୍ମତା ପ୍ରଦାନ କରିଥାଏ । ତା'ଛଡ଼ା ଏହା ସ୍ୱଦେଶୀ ହୋଇଥିବାରୁ ଏବେ ଏହାର ଚାହିଦା ଦିନକୁ ଦିନ ବଢ଼ିବାରେ ଲାଗିଛି।

– ଖଦି ଆଉଟ୍‌ଫିଟ୍ ସାଙ୍ଗକୁ ଯେତେ ସମ୍ଭବ ହାଲ୍‌କା ଡିଜାଇନ୍‌ର ଜୁଏଲେରୀ ପିନ୍ଧିବେ ଲୁକ୍ ସେତେ ଭଲ ଦେଖାଯିବ।

– ଖଦି ଆଉଟ୍‌ଫିଟ୍ ପିନ୍ଧୁଥିଲେ, ଡାର୍କ ମେକ୍‌ଅପ୍ ନ ନେଇ ନ୍ୟୁଡ୍ ମେକ୍‌ଅପ୍ ନେଲେ ଆଉଟ୍‌ଷ୍ଟାଣ୍ଡିଂ ଲୁକ୍ ମିଳିଥାଏ ।

– ମୋଜରି ହେଉ କି ଟିକେ ଭଲ ଡିଜାଇନ୍‌ର ଫ୍ଲାଟ୍ ସ୍ଲିପର୍ ଖଦି ଆଉଟ୍‌ଫିଟ୍ ସାଙ୍ଗେ ପିନ୍ଧିଲେ ସୋବର୍ ଲୁକ୍ ମିଳିଥାଏ । ଧ୍ୟାନଦେବେ ବେଶୀ ଡିଜାଇନ୍‌ବାଲା ଅଥବା ଚିକ୍‌ଚିକ୍ କରୁଥିବା ଫୁଟ୍‌ୱେର୍ ଖଦି ଆଉଟ୍‌ଫିଟ୍ ସାଙ୍ଗେ ଆଦୌ ପିନ୍ଧିବେ ନାହିଁ। ଏହା ମିସ୍ ମ୍ୟାଚ୍ ଲୁକ୍ ଦେଇଥାଏ ।

– ଖଦି ଆଉଟ୍‌ଫିଟ୍ ଟ୍ରାଏ କଲାବେଳେ ହେୟାର୍ ଷ୍ଟାଇଲ୍‌କୁ ନେଇ ସେମିତି କିଛି ଖାସ୍ ଏକ୍ସପେରିମେଣ୍ଟ କରିବାର ଆବଶ୍ୟକତା ନାହିଁ। ସିମ୍ପଲ ଚୁଟିକୁ ଖୋଲା ରଖିଲେ କିମ୍ବା ପୋନିଟେଲ୍ କରିଦେଲେ ବି ଲୁକ୍ ବେଶ୍ ସୁନ୍ଦର ଦେଖାଯାଇଥାଏ ।









## ହାଃ ହାଃ

### ହସ

ମୋହନ କବାଟ ଖୋଲି ଦେଖିଲା ତା' ସ୍ତ୍ରୀ ବାପଘରୁ ଫେରିଆସିଛି। ଆଉ ହସିବା ଆରମ୍ଭ କରିଦେଲା।
ଏହା ଦେଖି ସ୍ତ୍ରୀ: ତମେ ମତେ ଦେଖି ଏମିତି ପାଗଳଙ୍କ ଭଳି ହସୁଛ କ'ଣ ?
ସ୍ୱାମୀ: ବଡ଼ ଲୋକମାନେ କହିଛନ୍ତି ପରା ସମସ୍ୟାକୁ ହସିକି ସାମ୍ନା କରିବା ଉଚିତ।

### ଆଶୀର୍ବାଦ


ଭିକାରୀ ବିଏମ୍‌ଡବ୍ଲୁ କାର୍‌ରେ ବସିଥିବା ଜଣେ ମହିଳାଙ୍କୁ- ମା' ଏଇ ଗରିବ ଭିକାରୀକୁ କିଛି ଦିଅ।
ମହିଳା- ନିଅ ୧୦ ଟଙ୍କା। ଭିକାରୀ ଟଙ୍କା ନେଇ ଚାଲିଗଲା। କିଛି ବାଟ ଯିବାପରେ ମହିଳା ପାଟି କରି- ଟଙ୍କା ଦେଲି କିଛି ଆଶୀର୍ବାଦ ତ ଦିଅ।
ଭିକାରୀ- ବିଏମ୍‌ଡବ୍ଲୁରେ ବସିଛ। ଆହୁରି କ'ଣ ରକେଟ୍‌ରେ ବସିବାକୁ ଇଚ୍ଛା ନା କ'ଣ ?

### କଞ୍ଜୁସ୍

ପ୍ରେମିକା- ଚାଲ ନା ଜାନୁ, ମ୍ୟାକଡୋନାଲ୍ଡ ଯିବା।
ପ୍ରେମିକ- ପ୍ରଥମେ ମ୍ୟାକଡୋନାଲ୍ଡର ସ୍ପେଲିଂ କୁହ, ତା'ପରେ ଯାଇ ଯିବା।
ପ୍ରେମିକା- ଛାଡ, ସେଠି ଯିବାନି। କେଏଫ୍‌ସି ଯିବା।
ପ୍ରେମିକ- କେଏଫ୍‌ସିର ଫୁଲ୍‌ଫର୍ମ କୁହ।
ପ୍ରେମିକା- କଞ୍ଜୁସ୍ କୋଉଠିକାର। ରାସ୍ତା କଡର ସିଙ୍ଗଡା ତ ଖାଇବାକୁ ଦେ।

ମଡେଲ ମିରର୍ ପାଇଁ ଯୋଗାଯୋଗ: ଧରିତ୍ରୀ ଛୁଟିଦିନ, ବି-୧୫, ରସୁଲଗଡ଼ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦ ଫୋନ ନଂ: (୦୬୭୪) ୨୫୮୦୧୦୧

**ସୂଚନା:** ଏଠାରେ ଫଟୋ ପ୍ରକାଶ ପାଇବା ପାଇଁ କିଛି ଟଙ୍କା ଦେବାକୁ ପଡ଼େନାହିଁ। ଯୋଗ୍ୟ ବିବେଚିତ ଫଟୋ ହିଁ ପ୍ରକାଶ ପାଇବ।





# ତାମ୍ବଡ଼ି ସୁରଲା ମହାଦେବ ମନ୍ଦିର



**ଭଗବାନ ଶିବଙ୍କୁ ସମର୍ପିତ ଏହି ମନ୍ଦିରଟି ଗୋଆର ପଣଜିଠାରୁ ପ୍ରାୟ ୬୫ କି.ମି ଦୂରରେ ଥିବା ତାମ୍ବଡ଼ି ସୁରଲା ନାମକ ଏକ ସ୍ଥାନରେ ଅବସ୍ଥିତ । ଖାସ୍ ସେଥିପାଇଁ ଏହାର ନାମ ତାମ୍ବଡ଼ି ସୁରଲା ମହାଦେବ ମନ୍ଦିର ରଖାଯାଇଥିବା ବିଶ୍ୱାସ କରାଯାଏ । ମନ୍ଦିରଟିର ଭବ୍ୟ କାରୁକାର୍ଯ୍ୟ ସାଙ୍ଗକୁ ପ୍ରଭୁଙ୍କର ଅପାର କରୁଣା ଲଭିବାକୁ ପ୍ରାୟତଃ ଏଠାରେ ଭକ୍ତଙ୍କର ଭିଡ଼ ଦେଖିବାକୁ ମିଳିଥାଏ...**



ତାମ୍ବଡ଼ି ସୁରଲା ମହାଦେବ ମନ୍ଦିର ଭଗବାନ ଭୋଳାନାଥଙ୍କୁ ସମର୍ପିତ ଏକ ପ୍ରସିଦ୍ଧ ମନ୍ଦିର ; ଯାହାକି ଗୋଆର ତାମ୍ବଡ଼ି ସୁରଲା ନାମକ ଏକ ସ୍ଥାନରେ ଅବସ୍ଥିତ । ଇତିହାସ ପୃଷ୍ଠା ଓଲଟାଇଲେ ଜଣାଯାଏ ଯେ, ଏହି ମନ୍ଦିରଟିକୁ କଦମ୍ବ ରାଜବଂଶର ସ୍ୱତନ୍ତ୍ର ବାସ୍ତୁକଳା ଶୈଳୀରେ ନିର୍ମିତ କରାଯାଇଛି । ପୂର୍ବେ ଗୋଆରେ କୁଆଡ଼େ ଅନେକ ମନ୍ଦିର ରହିଥିଲା । କିନ୍ତୁ ପରେ ପର୍ତ୍ତୁଗୀଜମାନେ ଏଠାକୁ ଆସିବା ପରେ ଧୀରେ ଧୀରେ ମନ୍ଦିର ସଂଖ୍ୟା ଏଠାରେ କମିବାକୁ ଲାଗିଲା । ତାମ୍ବଡ଼ି ସୁରଲା ମହାଦେବ ମନ୍ଦିର ଉପରେ କେଜାଣି କେମିତି ସେମାନଙ୍କର ଦୃଷ୍ଟି ପଡି ନଥିବାରୁ ଏହା ଭାଙ୍ଗିବାରୁ ବର୍ତ୍ତିଗଲା । ଯେଉଁଥିପାଇଁ ଏତେ ବର୍ଷର ଏହି ପୁରୁଣା ମନ୍ଦିରଟି ଏବେ ବି ଏଠାରେ ଦଣ୍ଡାୟମାନ ରହି ନିଜର ମହିମାକୁ ବିଚ୍ଛୁରିତ କରିଚାଲିଛି ।

### ମନ୍ଦିରର ନିର୍ମାଣଶୈଳୀ

ଏହି ମନ୍ଦିରର ନିର୍ମାଣଶୈଳୀକୁ ନେଇ ଅନେକ ରୋଚକ କଥା ଶୁଣିବାକୁ ମିଳିଥାଏ ; ଯେଉଁଥିପାଇଁ ମନ୍ଦିରର ବାସ୍ତବିକ ଉତ୍ପତି ଓ ବାସ୍ତୁକଳାକୁ ନେଇ ଏବେ ବି ଲୋକେ ସନ୍ଦେହ ଘେରରେ ଥିବା ଜଣାଯାଏ । ସୂଚନାନୁଯାୟୀ, ତାମ୍ବଡ଼ି ସୁରଲା ମନ୍ଦିରଟିକୁ କୁଆଡ଼େ ଏକ ଦୁର୍ଗମ ସ୍ଥାନରେ ତିଆରି କରାଯାଇଥିଲା ; ଯାହାକି ନିକଟସ୍ଥ ଜନଗହଳି ସ୍ଥାନରୁ କିଛି ଦୂରରେ ରହିଥିଲା । ହୁଏତ ଏହି କାରଣ ପାଇଁ ପର୍ତ୍ତୁଗୀଜମାନଙ୍କର ନଜର ଏହି ମନ୍ଦିର ଉପରେ ପଡି ପାରିନଥିଲା ଆଉ ଏହା ଧ୍ୱଂସ ହେବାରୁ ବଞ୍ଚିଯାଇଥିଲା । ତେବେ ଅନ୍ୟ ସାଧାରଣ ମନ୍ଦିର ତୁଳନାରେ ଏହି ମନ୍ଦିର ହେଉ କି ଏହାର ପରିସର ସେତେ ବଡ଼ ନ ହୋଇପାରେ କିନ୍ତୁ ବାସ୍ତୁକଳା ଦୃଷ୍ଟିକୋଣରୁ ଦେଖିଲେ ଏହା ବେଶ୍ ଆଖିଦୃଶୀୟା ହୋଇଥାଏ । ତେବେ ଏହି ମନ୍ଦିରର ଆଉ ଏକ ବିଶେଷତା ହେଉଛି ଏହି ମନ୍ଦିରର ଶୀର୍ଷ ଭାଗର କାମ ସମ୍ପୂର୍ଣ୍ଣ କରାଯାଇ ନାହିଁ । ତା'ଛଡ଼ା ମନ୍ଦିରର ମୁଖକୁ ପୂର୍ବ ଦିଗକୁ କରାଯାଇଛି, ଯଦ୍ୱାରା ସୂର୍ଯ୍ୟୋଦୟର ପ୍ରଥମ କିରଣ ସିଧାସଳଖ ଏହି ମନ୍ଦିରରେ ପୂଜା ପାଉଥିବା ଦେବତାଙ୍କ ଉପରେ ପଡିଥାଏ । ମନ୍ଦିରରେ ଏକ ମଣ୍ଡପ ମଧ ରହିଛି । ମହାଦେବଙ୍କ ସମେତ ଏଠାରେ ଭଗବାନ ବ୍ରହ୍ମା ଓ ବିଷ୍ଣୁଙ୍କର ପ୍ରତୀମାକୁ ମଧ ପୂଜା କରାଯାଇଥାଏ ।



### ମନ୍ଦିରର ପୂଜାବିଧି


ଏଠାରେ ଭକ୍ତଗଣଙ୍କ ନିମନ୍ତେ ସକାଳ ୭.୩୦ରୁ ସନ୍ଧ୍ୟା ୫.୩୦ ପର୍ଯ୍ୟନ୍ତ ଉକ୍ତ ମନ୍ଦିରଟି ଖୋଲା ରହିଥାଏ । ପ୍ରଭୁଙ୍କ ନୀତିକାନ୍ତି ବି ଏଠାରେ ବେଶ୍ ନିଷ୍ଠାର ସହ କରାଯାଇଥାଏ । କାରଣ ଏଠାରେ ପୂଜା ପାଉଥିବା ପ୍ରଭୁ ବେଶ୍ ପ୍ରତ୍ୟେକ୍ଷ । ମହାଶିବରାତ୍ରୀ ହେଉଛି ଏଠାକାର ଏକ ମୁଖ୍ୟ ପର୍ବ ।

### ନିକଟସ୍ଥ ପର୍ଯ୍ୟଟନସ୍ଥଳୀ

ପର୍ଯ୍ୟଟକ ଏଠାକୁ ଆସିଲେ ଉକ୍ତ ମନ୍ଦିରକୁ ଦେଖି ପ୍ରଭୁ କୃପା ଲଭିବା ସହ ଆଖପାଖ ଅଞ୍ଚଳରେ ଥିବା ବିଭିନ୍ନ ପର୍ଯ୍ୟଟନସ୍ଥଳୀ ମଧ ବୁଲି ଦେଖିପାରିବେ । ଯେମିତିକି: ତାମ୍ବଡ଼ି ସୁରଲା ଜଳପ୍ରପାତ, ବୋଣ୍ଡଲା ବନ୍ୟପ୍ରାଣୀ ଅଭୟାରଣ୍ୟ, ମୋଲେମ ନ୍ୟାସନାଲ ପାର୍କ, ଦୁଧସାଗର ଜଳପ୍ରପାତ ଇତ୍ୟାଦି ଅନ୍ୟତମ ।

### କେବେ ଓ କେମିତି ଯିବେ

ବର୍ଷର ସବୁ ସମୟରେ ଏଠାକୁ ଯିବାର ସୁବିଧା ଥିଲେ ହେଁ, ଖାସ୍ କରି ମହାଶିବରାତ୍ରୀ ଓ ଶ୍ରାବଣ ମାସରେ ଏଠାକୁ ଗଲେ ମନ୍ଦିରର ତଥା ପ୍ରଭୁଙ୍କର ଅପୂର୍ବ ସାଜସୃଙ୍ଗାର ଦେଖିବାର ସୁଯୋଗ ମିଳିଥାଏ । ସେହିପରି ବର୍ତ୍ତମାନ ଏଠାକୁ ଯିବା ପାଇଁ ଗମନାଗମନର ବି ଭଲ ବ୍ୟବସ୍ଥା ରହିଛି । ପର୍ଯ୍ୟଟକ ନିଜ ସୁବିଧା ଅନୁସାରେ ଯେତେବେଳେ ଚାହିଁବେ ସେତେବେଳେ ଏଠାକୁ ବୁଲିଯାଇ ପ୍ରଭୁକୃପା ଲଭିପାରିବେ ।



# ଟେଲିପାଥି



**ଟେ**ଲିପାଥି ଯେ, ସତ ତାହାକୁ ବିଜ୍ଞାନ ସମ୍ପ୍ରତି ଜଣାଇଛି। ସାଧାରଣତଃ ମଣିଷର ପାଞ୍ଚୋଟି ଜ୍ଞାନେନ୍ଦ୍ରିୟ ଥାଏ। ଯାହା ମାଧ୍ୟମରେ ଆମେ କୌଣସି ଜିନିଷ ଅବା ଦୃଶ୍ୟକୁ ବୁଝିପାରୁ। ବେଳେବେଳେ କିନ୍ତୁ କାହା କାହା ଭିତରେ ଷଷ୍ଠ ଇନ୍ଦ୍ରିୟ ଜାଗ୍ରତ ହୋଇଯାଏ। ଏହି ଇନ୍ଦ୍ରିୟକୁ ବିଜ୍ଞାନ ଅତିନ୍ଦ୍ରିୟ ବା ଏକ୍ସଟ୍ରା ସେନ୍ସୋରି ପରସେପ୍ସନ ନାମ ଦେଇ ଇନ୍ଦ୍ରିୟ ମଧ୍ୟରେ ସାମିଲ କରାଯାଇଛି। ସମସ୍ତଙ୍କ ଭିତରେ ଟେଲିପାଥିର ଅଳ୍ପ ବହୁତେ କ୍ଷମତା ଥାଏ। କିନ୍ତୁ କେତେଜଣଙ୍କ ମଧ୍ୟରେ ଏହା ଏତେ ଷ୍ଟ୍ରଙ୍ଗ ହୋଇଥାଏ ଯେ, ସେମାନେ ଅନ୍ୟର ଭାବକୁ ବୁଝିପାରିବା ସହ କିଛି ଘଟଣାର ପୂର୍ବାଭାସ କରିପାରନ୍ତି। ଏଥିରେ ଆମର ପଞ୍ଚ ଇନ୍ଦ୍ରିୟର ବ୍ୟବହାର ହୋଇ ନ ଥାଏ। ଅର୍ଥାତ୍ ଏଥିରେ ଦେଖିବା, ଶୁଣିବା, ଶୁଙ୍ଘିବା, ଛୁଇଁବା ଓ ଚାଖିବା ଶକ୍ତିର ବ୍ୟବହାର କରାଯାଇ ନ ଥାଏ। ବରଂ ଏହା ଆମର ମନ ଓ ମସ୍ତିଷ୍କ ଶକ୍ତିରେ ହୋଇଥାଏ।

ମହାଭାରତ ଯୁଦ୍ଧ ସମୟରେ ସଞ୍ଜୟଙ୍କ ପାଖରେ ଯେଉଁ ଶକ୍ତି ଥିଲା, ଯାହା ମାଧ୍ୟମରେ ସେ ଧୃତରାଷ୍ଟ୍ରଙ୍କୁ ଯୁଦ୍ଧଭୂମିର ସମସ୍ତ ଘଟଣା ବର୍ଣ୍ଣନା କରୁଥିଲେ ତାହା ବି କୌଣସି ମାୟା କିମ୍ବା ଯାଦୁଶକ୍ତି ନ ଥିଲା ବୋଲି କିଛି ବୈଜ୍ଞାନିକ କୁହନ୍ତି। ବରଂ ତାହା ଟେଲିପାଥିର ଏକ ଉଦାହରଣ। ପ୍ରାଚୀନ କାଳରେ ମୁନି ଋଷିମାନେ ଏହି ଶକ୍ତି ବଳରେ ଅତୀତ, ଭବିଷ୍ୟତ ଜାଣିନେବା ସହ ଅନ୍ୟର ମନ କଥା ଜାଣି ଯାଉଥିଲେ।

'ଟେଲିପାଥି' ଶବ୍ଦର ବ୍ୟବହାର ସର୍ବପ୍ରଥମେ ୧୮୮୨ରେ ଫ୍ରାଡ୍ରିକ ଡବ୍ଲ୍ୟୁ ଏଚ୍ ମାୟର୍ସ କରିଥିଲେ। ଏହା ପାରାମନୋବିଜ୍ଞାନର ବିଷୟ, ଯେଉଁଥିରେ ଟେଲିପାଥିର ବିଭିନ୍ନ ପ୍ରକାର ଅଛି ବୋଲି କୁହାଯାଏ।

ବେଳେବେଳେ ଏମିତି ହୁଏ ଆମେ କାହାରି କଥା ଭାବୁ ଓ ଆଶ୍ଚର୍ଯ୍ୟଜନକଭାବେ ସେହି ବ୍ୟକ୍ତିଙ୍କ ଫୋନ ଆସିଯାଏ । ଅବା ଏମିତି ବି ହୁଏ କିଛି ଘଟଣାର ଆଭାସ ଆଗୁଆ ହୋଇଯାଏ। ଲାଗେ ସତେ ଯେମିତି କିଛି ଅଲୌକିକ ଶକ୍ତି ଆସିଯାଇଛି। ଅନେକେ ଏହାକୁ ସଂଯୋଗ କହନ୍ତି। ହେଲେ ଯଦି ଏଭଳି ବାରମ୍ବାର ହୁଏ ତାହା କ'ଣ ସଂଯୋଗ ? ବିନା କୌଣସି ଯନ୍ତ୍ରରେ ଅନ୍ୟର ବିଚାରକୁ ଜାଣିବା ଓ କିଛି ଘଟଣାର ପୂର୍ବାଭାସ ହେବାକୁ ବିଜ୍ଞାନରେ 'ଟେଲିପାଥି' କୁହାଯାଏ। ତେବେ ପ୍ରକୃତରେ କ'ଣ ଟେଲିପାଥି ପରି କିଛି ଅଛି ? ସତରେ କ'ଣ ମନର ଶକ୍ତିଦ୍ୱାରା ଅନ୍ୟକୁ ସନ୍ଦେଶ ଦିଆଯାଇପାରେ ? ଜାଣିବା ସେ ସମ୍ପର୍କରେ...

ଟେଲିପାଥିର ଅନେକ ଉପକାରିତା ଅଛି। ଯେବେ ବି ଜଣେ ନିଜର ବିଚାରକୁ ମୌଖିକ ରୂପରେ ବୁଝାଇବାରେ ସକ୍ଷମ ନ ହୁଅନ୍ତି ଅବା ଭାଷାରେ ନିଜ ମନର କଥାକୁ ବ୍ୟକ୍ତ କରିପାରନ୍ତି ନାହିଁ ସେତେବେଳେ ଟେଲିପାଥି କାମ ଦିଏ। ଟେଲିପାଥି ବାହାରୁ ଶିଖିବା ଜିନିଷ ନୁହେଁ। ଏହା ସମସ୍ତଙ୍କ ଭିତରେ ପ୍ରଥମରୁ ମହଜୁଦ ଥାଏ। ହେଲେ ଅନେକେ ନିଜର ଏହି କ୍ଷମତା ସମ୍ପର୍କରେ ଅବଗତ ନ ଥାଆନ୍ତି। ତେଣୁ ତା' ସହ ସମ୍ପର୍କ ସ୍ଥାପନ କରି ପାରି ନ ଥାଆନ୍ତି।






ଆଜିକାଲି ଆମେ ଆମର ମସ୍ତିଷ୍କକୁ ଏମିତିଭାବେ କରି ଦେଇଛୁ ଯେ, ଆଖପାଖର ଲୋକଙ୍କ ସହ ଭାବର ଆଦାନ ପ୍ରଦାନ ଲାଗି ବି ଆମେ ବିଭିନ୍ନ ଗ୍ୟାଜେଟ୍ସ ଉପରେ ନିର୍ଭର କରୁଛୁ। ଆମେ ଜାଣୁନା ଯେ, ଟେଲିପାଥିର ଶକ୍ତି ଆମ ଭିତରେ ହିଁ ଅଛି। କେବଳ ଏହାକୁ ଉଜାଗର କରିବା ଜରୁରୀ। ତେଣୁ ବିଭିନ୍ନ ମାଧ୍ୟମରେ ଆମେ ଭାବର ଆଦାନ ପ୍ରଦାନ କରୁ। ହେଲେ ଏହି ଶକ୍ତିକୁ ଉଜାଗର କରିବା ଏତେଟା ସହଜ ନୁହେଁ। ବହୁତ ସମୟ ଲାଗେ ଏହାକୁ ଉଜାଗର କରିବା ପାଇଁ। ଧ୍ୟାନ, ପ୍ରାଣାୟାମ, ଏକାଗ୍ରତା ଦ୍ୱାରା ଏହା ଜାଗ୍ରତ ହୋଇପାରେ।

ଯେମିତିକି ଶବାସନରେ ଯାଇ ଆଖି ବନ୍ଦ କରି ପ୍ରତିଦିନ ଧ୍ୟାନ କରି ଯୋଗ ନିଦ୍ରାରେ ଯିବାକୁ ପ୍ରୟାସ କରନ୍ତୁ। ଯୋଗ ନିଦ୍ରା ଅର୍ଥାତ ଶରୀର ଓ କନ୍ସିୟସ ମାଇଣ୍ଡ ଏହି ଅବସ୍ଥାରେ ଶୋଇଯାଏ ହେଲେ ସବ୍ କନ୍ସିୟସ ମାଇଣ୍ଡ ଜାଗ୍ରତ ରହେ। ଏମିତିଭାବେ ଧୀରେ ଧୀରେ ଟେଲିପାଥି ଶକ୍ତି ଜାଗ୍ରତ ହୁଏ। ଆଉ ମାନସିକ ସ୍ତରରେ ବାର୍ତ୍ତା ପ୍ରେରଣ କରିହେବ।

# ମୋଟର ପାୱାର୍ଡ ପ୍ୟାଣ୍ଟ

**ଆ**ଣ୍ଠୁ ବ୍ୟଥା ଯୋଗୁ ଶିଡ଼ି ଚଢିବାବେଳେ ଭାରି କଷ୍ଟ ହୁଏ। ଆଉ ଯେଉଁମାନେ ପାହାଡ ଚଢନ୍ତି କ୍ରମାଗତଭାବେ ଉପରକୁ ଚଢିବାବେଳେ ଆଣ୍ଠୁ ଉପରେ ଚାପ ପଡିବା ଯୋଗୁ ତ ବହୁତ କଷ୍ଟ ହୁଏ। ପାହାଡ଼ରୁ ଓହ୍ଲାଇବାବେଳେ ମଧ୍ୟ ଆଣ୍ଠୁରେ ଚାପ ପଡି କଷ୍ଟ ହୁଏ। ତେବେ ଜାଣି ଖୁସିହେବେ ଏଭଳି ସମସ୍ୟାର ସମ୍ମୁଖୀନ ଆଉ ହେବେନି। କାରଣ ଆସି ଯାଇଛି ପ୍ରଥମ ମୋଟର ପାୱାର ପ୍ୟାଣ୍ଟ। ଏଥିରେ ଏକ କାର୍ବନ ଫାଇବର୍ ସପୋର୍ଟ ଷ୍ଟ୍ରକ୍ଚର ଅଛି, ଯାହାର ଏଆଇ ନିୟନ୍ତ୍ରିତ ମୋଟର ଆଣ୍ଠୁରୁ ଆରମ୍ଭ କରି ଗୋଡ ମାଂସପେଶୀକୁ ଶକ୍ତି ପ୍ରଦାନ କରେ। ଫଳରେ ହାଇକିଂ ଆଉ କଷ୍ଟକର ମନେ ହେବନି। ଯଦିଓ ମୋଟର ଓ ବ୍ୟାଟେରି ପ୍ୟାକ୍ ଯୋଗୁ ଏହି ପ୍ୟାଣ୍ଟର ଓଜନ ୩ କେଜିରୁ ଊର୍ଦ୍ଧ୍ୱ ତେବେ ବି ହାଇକିଂ ଅବା ଶିଡି ଚଢିବାବେଳେ ଏହାକୁ ପିନ୍ଧିଲେ ବ୍ୟକ୍ତିଙ୍କୁ ୧୩ କେ.ଜି. ହାଲୁକା ଅନୁଭବ ହେବ। ଏହି ପ୍ୟାଣ୍ଟର ନାଁ ହେଉଛି ଆର୍କ ଟ୍ରିକ୍ସ ଏମ୍ଓ/ଜିଓ ହାଇକିଂ ପ୍ୟାଣ୍ଟ। ୨୦୨୫ରେ ଏହା ବଜାରକୁ ଆସିପାରେ। ଆଉ ଏହାର ମୂଲ୍ୟ ୫୦୦୦ ଡଲାର ବା ପ୍ରାୟ ୪ ଲକ୍ଷ ୧୮ ହଜାର ଟଙ୍କା ରହିବ। ଅଧିକ ମୂଲ୍ୟ ହେଲେ ବି ଏହା ଆଣ୍ଠୁ ଓ ଗୋଡର ଶକ୍ତି ୪୦% ବଢାଇପାରୁ ଥିବାରୁ ଏହାକୁ ଲୋକେ ନିଶ୍ଚିତଭାବେ କିଣିବେ ବୋଲି ଏହାର ନିର୍ମାତା କ୍ୟାଥିରିନ ଜିଲାଣ୍ଡ ଓ ଅନା ରୁମିଆଣ୍ଟସେୱା ଆଶା ରଖିଛନ୍ତି।





## ଚିନ୍ମୟ ଚିନ୍ତନ

ଶ୍ରୀ ସନ୍ନ୍ୟାସୀ ଜୀ

# ଦେବତା, ଭଗବାନ୍ ଓ ଈଶ୍ୱର

( ଭାଗ -୦୨ )

''ଦେବତା, ଭଗବାନ୍ ଓ ଈଶ୍ୱର''ଙ୍କ ବାବଦରେ ଆମେ ଗତ (୨୫ ଅଗଷ୍ଟ -୨୦୨୪ ରେ ) ସ୍ତମ୍ଭରେ କେବଳ ଦେବତା କିଏ ଓ ସେମାନଙ୍କ ସଂଖ୍ୟା ବାବଦରେ ଆଲୋଚନା କରିଥିଲେ। ତେଣୁ ଗତ ମାସର ସ୍ତମ୍ଭରେ ଦେବତାଙ୍କ ସଂଖ୍ୟା ୩୩ କୋଟି ନୁହେଁ, ୩୩ ଗୋଟି ଏବଂ ସେମାନଙ୍କ ନାମ ବାବଦରେ ମଧ୍ୟ ଆପଣମାନେ ଜାଣିଥିଲେ । ଆଜିର ସ୍ତମ୍ଭରେ 'ଭଗବାନ୍'ଙ୍କ ସମ୍ବନ୍ଧରେ ତ ଆଲୋଚନା ହେବ କିନ୍ତୁ ତା ପୂର୍ବରୁ 'ଦେବତା'ଙ୍କ ଭିତରକୁ ଆଉ ଟିକେ ପ୍ରବେଶ କରିବାକୁ ଇଚ୍ଛା ହେଉଛି।

ଦେବତା ଶବ୍ଦର ଆକ୍ଷରିକ ଅର୍ଥ ପ୍ରକୃତରେ ସେୟା ନ ହୋଇଥିଲେ ବି ଏହାର ଭାବଗତ ଅର୍ଥକୁ ନେଇ ଆମେ ଆଲୋଚନା କରିଥିଲେ ଯେ ଯିଏ ଦେଇ କରି ବତାନ୍ତି ସେ ହେଉଛନ୍ତି ଦେବତା । ଯିଏ ଦାତା, ସିଏ ଦେବତା। ଦେବତାମାନେ ସବୁବେଳେ ଦେଇ ଚାଲନ୍ତି । ପ୍ରତି ବଦଳରେ 'ନେବା'ର ଇଚ୍ଛା ସେମାନଙ୍କ ମନରେ ଏକ ପ୍ରତିଶତ ବି ନ ଥାଏ ।

ଦେବତାମାନଙ୍କର ଆଉ ଗୋଟିଏ ଗୁଣ ଅଛି । ସେମାନେ ଖାଆନ୍ତି କମ୍, ଖୁଆନ୍ତି ଅଧିକ । ନିଅନ୍ତି କମ୍ କିନ୍ତୁ ଦିଅନ୍ତି ଅଧିକ । ଗୋଟିଏ ଉଦାହରଣ ଦେଲେ ଏହା ସହଜରେ ବୁଝାପଡ଼ିବ ।

ସୂର୍ଯ୍ୟ ଦେବତାଙ୍କ କଥା ଦେଖନ୍ତୁ । ହୋମରେ ଯେତେବେଳେ 'ଓଁ ସୂର୍ଯ୍ୟାୟ ସ୍ୱାହା - ଇଦଂ ସୂର୍ଯ୍ୟାୟ, ଇଦଂ ନ ମମ' ମନ୍ତ୍ର ବୋଲି ବ୍ରାହ୍ମଣ ନିଜ ପାତ୍ରି ବା ଶ୍ରୁବରେ ସାତ କି ଏଗାର ଥର ଆହୁତି ଦିଅନ୍ତି, ଏଥିରେ କେତେ ଘୃତ ଖର୍ଚ୍ଚ ହୁଏ ? ଖୁବ୍ ଅଳ୍ପ । ଘୃତାହୁତି ଦେବତାଙ୍କର ଖାଦ୍ୟ । କିନ୍ତୁ ସୂର୍ଯ୍ୟ ଆମକୁ ଖୁଆନ୍ତି କେତେ ? ଆସନ୍ତାକାଲି ଠୁ ଯଦି ସୂର୍ଯ୍ୟ ଉଦୟ ନ ହୁଅନ୍ତି, ତେବେ ଆମେ ଭୋଜନ କରୁଥିବା ଧାନ, ଗହମ, ପନିପରିବା କ୍ଷେତରେ ଆଉ ହେବ କି? ତେଣୁ ଇଏ ହେଉଛନ୍ତି ଦେବତା । ଅଳ୍ପ ଗ୍ରହଣ କରନ୍ତି, ଅଧିକ ଦିଅନ୍ତି ।

ସ୍ନାନ ପରେ ଆମେ ସୂର୍ଯ୍ୟଙ୍କୁ ଜଳ ଅର୍ପଣ କରୁ ।

ଆଜିକାଲି କେହି ଏହାକୁ କରୁନାହାନ୍ତି । ସମସ୍ତେ ଏବେ ତ ବାଥ୍ ରୁମରେ ଗାଧୋଉଛନ୍ତି । ସେମାନେ ଆଉ ଜଳ ଦେବେ କେମିତି ? କିନ୍ତୁ ନା, ପଦ୍ମଶ୍ରୀ ବାବା ବଳିଆଙ୍କ ମତରେ ବାଥରୁମ୍‌ରେ ସ୍ନାନ କଲେ ବି ସୂର୍ଯ୍ୟଙ୍କୁ ଜଳ ଅର୍ପଣ କର । ଭାବର ଦେବତା ସେ। ସେ ଭାବକୁ ଗ୍ରହଣ କରନ୍ତି । ତେବେ କଥା ହେଉଛି ଆମେ ସୂର୍ଯ୍ୟଙ୍କୁ ଅଳ୍ପ ଆଞ୍ଜୁଳାଏ ଜଳ ସମର୍ପଣ କଲୁ, ପ୍ରତିବଦଳରେ ବର୍ଷା ରୂପରେ ସେ ପୃଥିବୀକୁ ଜଳ ଅଜାଡି ଦିଅନ୍ତି । ସମୁଦ୍ରର ଜଳକୁ ସୂର୍ଯ୍ୟ ଯଦି ବାଷ୍ପୀଭୂତ ନ କରନ୍ତି, ତେବେ ବର୍ଷା ସମ୍ଭବ କି? ଆଦୌ ନୁହେଁ।

ଦେବତାଙ୍କର ଏଇ ଗୁଣକୁ ଯଦି ଆଲୋଚନା କରାଯାଏ ତେବେ ଆମ ମଣିଷମାନଙ୍କ ଭିତରେ ବି ଅନେକ ଅଛନ୍ତି ଯେଉଁମାନେ ନିଜେ ଅଳ୍ପ ଖାଆନ୍ତି କିନ୍ତୁ ଅନ୍ୟମାନଙ୍କୁ ବେଶି ଖୁଆଇବା ପାଇଁ ଇଚ୍ଛା ପ୍ରକାଶ କରନ୍ତି। ଆଉ କେତେକ ମହାନ୍ ମଣିଷ ଅଛନ୍ତି ସେମାନେ ନିଜ ପେଟରୁ କାଟି ଅନ୍ୟ ଦରିଦ୍ର ବୁଭୁକ୍ଷିତ ବ୍ୟକ୍ତିମାନଙ୍କୁ ଖୁଆନ୍ତି । ଆମେ ସେମାନଙ୍କୁ ଦେବତା ବୋଲି କହୁ। ପ୍ରକୃତରେ ସେମାନେ ୩୩ ତାଲିକା ଭିତରେ ନ ଆସୁଥିଲେ ବି ଯେହେତୁ ଦେବତାଙ୍କ ଗୁଣର କିଛି ଅଂଶ ସେମାନଙ୍କ ଠିଁ ପ୍ରତିଭାତ ହେଉଛି ତେଣୁ ବାଚ୍ୟାର୍ଥରେ ନ ହେଲେ ବି ଲାକ୍ଷଣିକ ଅର୍ଥରେ ସେମାନଙ୍କୁ ଆମେ ଦେବତା ବୋଲି କହୁ । ଦେବତା ହେଉଛନ୍ତି ଅସୀମିତ ଶକ୍ତିର ଅଧିକାରୀ । ସୂର୍ଯ୍ୟଙ୍କୁ ଆମେ ଆଞ୍ଜୁଳାଏ ଜଳ ଅର୍ପଣ କଲୁ କିନ୍ତୁ ସେ ଆମକୁ ଅସୀମିତ ଜଳ ପ୍ରଦାନ କଲେ । ଠିକ୍ ସେମିତି ମଣିଷ ଅସଂଖ୍ୟ କ୍ଷୁଧିତ ଲୋକଙ୍କୁ ଖାଇବାକୁ ନ ଦେଇପାରେ ଜଣେ, ଦି ଜଣ ବା ଦଶଜଣଙ୍କୁ ଦେଉଛି ତ । ତେଣୁ ସେଇ ଅର୍ଥରେ ସେଭଳି ଦାତାଙ୍କୁ ମଣିଷ ଦେବତା ବୋଲି କୁହେ ।

ଆମେ କିନ୍ତୁ କରୁଛେ ବିପରୀତ । ନିଜେ ଖାଇ ଖାଇ ମେଦ ବହୁଳ । ଆମ ଗରିବ ପଡ଼ୋଶୀଟିଏ ଖାଇବାକୁ ନ ପାଇ ଦୁର୍ବଳ । କେହି ଯୋଗୀ, ଭିକାରି ବା ଦରିଦ୍ର ବ୍ୟକ୍ତିଟି ନେହୁରା ହୋଇ ଖାଇବାକୁ ଗଣ୍ଡେ ମାଗୁଛି, ତେବେ ଘରେ ଯାହା ଥିଲେ ବି ଦିଅନ୍ତୁ ଆଜ୍ଞା । ସେମାନଙ୍କୁ ଫେରାନ୍ତୁ ନାହିଁ । ଭୋକର ତାଡ଼ନା କେତେ ଅସହ୍ୟ ଯିଏ ଯେତେ ଧନୀ ହୋଇଥାଉ ନା କାହିଁକି, ସେ ତା' ଜୀବନରେ ନିଶ୍ଚେ ଅନୁଭବ କରିଥିବ । ଘର ଦୁଆରୁ କାହାକୁ ଫେରାନ୍ତୁ ନାହିଁ । ଅନେକ ଲୋକ ''ଆମେ ପରା ସବୁ ଖାଇ ହାଣ୍ଡି କୁଣ୍ଡେଇ ମାଜି ସାରିଲୁଣି । ଆଉ ଖାଇବାକୁ କେଉଁଠୁ ଆସିବ ? ଯା, ଅନ୍ୟ କାହା ଘରେ ମାଗିବ'' କହି ଫେରାଇ ଦିଅନ୍ତି । ଏମିତି ଭୁଲ୍ କେବେ କରିବେ ନାହିଁ ଆଜ୍ଞା । ଘରେ ଅନ୍ୟ ଯାହା ଥିଲେ ବି ମାଗୁଥିବା ଲୋକଙ୍କୁ ଖାଇବାକୁ ଦିଅନ୍ତୁ ।



ଆଜିକାଲି ଯେଉଁ ସଂଗଠନ ବା ବ୍ୟକ୍ତିବିଶେଷମାନେ ଭୋକିଲାଙ୍କୁ ଖାଦ୍ୟ ବାଣ୍ଟୁଛନ୍ତି, ସେମାନଙ୍କୁ କୋଟି ନମସ୍କାର । ସେମାନେ ହେଉଛନ୍ତି ଦେବତା ।

ଶାସ୍ତ୍ର ଅନୁସାରେ ଦେବତାଙ୍କ ସଂଖ୍ୟା ୩୩ ହେଲେ ହେଁ ଏଥିରେ ଆଉ ଚାରିଜଣଙ୍କ ନାମକୁ ଯୋଡିବାର ଆବଶ୍ୟକତା ଅଛି । ସେ ଚାରିଜଣ ହେଲେ ଗୁରୁ, ବ୍ରାହ୍ମଣ, ପିତାମାତା ଓ ଅତିଥି । ପୁରାଣରେ ଲେଖା ଅଛି ଗୁରୁ ବ୍ରାହ୍ମଣ ପିତାମାତା ଏମାନେ ମର୍ତ୍ତ୍ୟର ଦେବତା । ବ୍ରାହ୍ମଣଙ୍କୁ ଶୁଦ୍ଧ ଭାଷାରେ କୁହାଯାଏ ଭୂସୁର । 'ଭୂ'ର ଅର୍ଥ ମର୍ତ୍ତ୍ୟ । ସୁରର ଅର୍ଥ ଦେବତା । ମର୍ତ୍ତ୍ୟପୁରର ଦେବତା ହେଉଛନ୍ତି ବ୍ରାହ୍ମଣ । ଅନେକ ପୁରାଣରେ ବ୍ରାହ୍ମଣଙ୍କୁ ହିଁ ସୃଷ୍ଟିର ରଚୟିତା ଏପରିକି ବ୍ରହ୍ମା, ବିଷ୍ଣୁ ଓ ମହେଶ୍ୱରଙ୍କ ଉତ୍ପତ୍ତି କର୍ତ୍ତା ବୋଲି ଉଲ୍ଲେଖ କରାଯାଇଛି। ପ୍ରାଜ୍ଞଜନମାନେ କୁହନ୍ତି - ବ୍ରାହ୍ମଣ ଅଟନ୍ତି ସିନା ମରତ ଦେବତା। ସକଳ ଦେବଦେବୀଙ୍କ ପବିତ୍ର କରତା। ତେଣୁ ବ୍ରାହ୍ମଣ ହେଉଛନ୍ତି ଦେବତା । ଗୁରୁ ତ ସହଜରେ ଦେବତା । ଗୁରୁମାନେ ସର୍ବଦା ନିଜ ଶିଷ୍ୟମାନଙ୍କ ଭାବ ଭକ୍ତି ଦେଖି ଅସୀମିତ କୃପା କରନ୍ତି । ପିତୃ ଦେବୋ ଭବ। ମାତୃ ଦେବୋ ଭବ । ଆଚାର୍ଯ୍ୟ ଦେବୋ ଭବ । ମାତାପିତା ଦେବତା ବୋଲି ଗତ ଥର ଆଲୋଚନା ହୋଇଛି। ଆଚାର୍ଯ୍ୟ ହେଉଛନ୍ତି ଗୁରୁ । ସିଏ ଦେବତା। ଅତିଥି ଦେବୋ ଭବ ବୋଲି ମଧ୍ୟ କୁହାଯାଏ। ଅତିଥି ଯେ ଦେବତା, ଏକଥା ଶ୍ରୀମଦ୍ ଭାଗବତରେ ଭୂୟଃ ଭୂୟଃ ଆଲୋଚନା କରାଯାଇଛି । ସେଥିରେ ଲେଖା ଅଛି - ଗୃହେ ଯେ ଅତିଥି ଆଗତ । ତାହାଙ୍କୁ ମଣି ବିଷ୍ଣୁ ମତ । ଅତିଥିଙ୍କୁ ବିଷ୍ଣୁ ପ୍ରାୟ ମଣି ପୂଜା କରିବାକୁ ନିର୍ଦ୍ଦେଶ ଦିଆଯାଇଛି ।

ଯଦି ଏହିପରି ଭାବେ ଆଲୋଚନା ଚାଲେ ତେବେ ଦେବତାମାନଙ୍କ ତାଲିକାକୁ ଆହୁରି ଅନେକ ଆସିଯିବେ। ଯିଏ ଅଭାବୀକୁ ଅର୍ଥ ସାହାଯ୍ୟ କଲା ସାହାଯ୍ୟ ପାଉଥିବା ଲୋକ ଦୃଷ୍ଟିରେ ସାହାଯ୍ୟକାରୀ ହେଉଛନ୍ତି ଜଣେ ଦେବତା । କିଏ କାହାକୁ ବିପଦ ବା ମରଣରୁ ଉଦ୍ଧାର କଲା, ସେ ବି ଦେବତା। ଏମିତି ଦେଖିଲେ ପ୍ରତ୍ୟେକ ପରୋପକାରୀ ବ୍ୟକ୍ତି ଜଣେ ଜଣେ ଦେବତା। ତେବେ ଆମେ ମନେରଖିବା ଦରକାର ଯେ ମର୍ତ୍ତ୍ୟରେ ଜନ୍ମ ନେଇଥିବା ମଣିଷମାନେ ( କିଛିଙ୍କୁ ଛାଡି ) ନିଜ ଦିବ୍ୟ ଗୁଣରେ ୩୩ ଗୋଟି ଦେବତାଙ୍କ ପରି ପ୍ରତ୍ୟକ୍ଷ ହୋଇ ନ ପାରିଲେ ବି ସାଧାରଣ ତୁଣ୍ଡରେ ଦେବତା ପଦବାଚ୍ୟ ହୋଇ ପାରିବେ କିନ୍ତୁ 'ଭଗବାନ୍' ବା 'ଈଶ୍ୱର' ବୋଲାଇ ପାରିବେ ନାହିଁ । ମନୁଷ୍ୟ ଜନ୍ମ ପାଇ 'ଭଗବାନ୍'ରେ ଭଣତା ହେବା ଖୁବ୍ କମ୍ ଦେଖାଯାଏ । ସେଇ ଦିବ୍ୟାତ୍ମା ମଣିଷମାନେ ହେଉଛନ୍ତି ଅବତାରୀ । ସେମାନଙ୍କୁ 'ଭଗବାନ୍' କୁହାଯାଏ ।

ଯଦି ଦେବତା ହେବା ପାଇଁ କିଛି ମାପଦଣ୍ଡ ରହିଲା, ସେମିତି 'ଭଗବାନ୍' ବୋଲାଇବା ପାଇଁ ବହୁ ଯୋଗ୍ୟତା ଆମ ଶାସ୍ତ୍ର ପୁରାଣରେ ଲିପିବଦ୍ଧ ଅଛି । ସମସ୍ତେ 'ଭଗବାନ୍' ହୋଇପାରିବେ ନାହିଁ । ଆମେ ସାଧାରଣ ଲୋକ ଭକ୍ତି ଭାବରେ ଗୋଳାଇ ମିଶାଇ କାହାକୁ ଦେବତା, କାହାକୁ ଭଗବାନ୍ ବୋଲି ସମ୍ବୋଧନ କରିଦେଉଛେ କିନ୍ତୁ ଶାସ୍ତ୍ରକୁ ଆଧାର ଭାବେ ଧରିଲେ 'ଭଗବାନ୍' ଉପାଧିରେ ବିଭୂଷିତ ହେବା ଖୁବ୍ କଷ୍ଟକର ବ୍ୟାପାର।

ଏବେ ଆସନ୍ତୁ 'ଭଗବାନ୍' ଶବ୍ଦ ଉପରେ ଟିକେ ନଜର ପକାଇବା । ଆମେ କହୁ ଅମକ ଲୋକଟି 'ଧନବାନ୍' । ବାନ୍ ଶବ୍ଦର ଅର୍ଥ ସ୍ୱାମୀ । ଯିଏ ଅନେକ ଧନର ଅଧିକାରୀ ବା ସ୍ୱାମୀ ସେ ଧନବାନ୍ । ଯିଏ ଅନେକ ଜ୍ଞାନର ଅଧିକାରୀ ସେ ଜ୍ଞାନବାନ୍ । ଯିଏ ପ୍ରଜ୍ଞାର ଅଧିକାରୀ ସେ ପ୍ରଜ୍ଞାବାନ୍ । ଏଇ ଅର୍ଥରେ କହିଲେ ଯିଏ 'ଭଗ'ର ଅଧିକାରୀ ସେ 'ଭଗବାନ୍' । ତେବେ ଏଇଠି ପ୍ରଶ୍ନ ଉଠିବ ଯେ ପ୍ରକୃତରେ 'ଭଗ' କହିଲେ କାହାକୁ ବୁଝାଏ ? ତାହା ଏକ ନା ଅନେକ ? ଏଇ 'ଭଗ'କୁ ଧାରଣ କରିଥିବା ଦିବ୍ୟ ପୁରୁଷମାନେ କିଏ ?

ଏ ସମ୍ବନ୍ଧରେ ଆଗାମୀ ମାସ ଶେଷ ରବିବାର ଆମେ ଆଲୋଚନାରେ ପ୍ରବୃତ୍ତ ହେବା ।


*-ପ୍ରିନ୍ସିପାଲ, ଆପେକ୍ସ ଆଇଟିଆଇ, ପତ୍ରକଣା, କସର୍ଦ୍ଦା, କଟକ,*
*ମୋ: ୯୪୩୭୨୯୨୬୯୯*

## ପୁସ୍ତକ ସମୀକ୍ଷା

### ସଂଗ୍ରାମ ମହାପାତ୍ରଙ୍କ ଗଳ୍ପ ସମଗ୍ର

ଲେଖକ- ସଂଗ୍ରାମ ମହାପାତ୍ର
ପ୍ରକାଶକ- ଓଡ଼ିଶା ମଲ୍ଟି ମିଡ଼ିଆ, ବିଡାନାସୀ, କଟକ-୧୪
ମୂଲ୍ୟ-୯୮୦ଟଙ୍କା


ସଂଗ୍ରାମ ମହାପାତ୍ରଙ୍କ ଗଳ୍ପ ସମଗ୍ରରେ ୫ଟି ପୁସ୍ତକର ଗଳ୍ପଗୁଡ଼ିକୁ ଏକତ୍ର କରାଯାଇଛି। ପ୍ରଥମେ ସୀମାହୀନରେ ୧୭ଟି ଗପ ରହିଛି । ଯେଉଁଥିରେ ଚିନ୍ମୟ ଚରିତ୍ରକୁ ଖୁବ୍ ସୁନ୍ଦର ଭାବେ ଚିତ୍ରଣ କରାଯାଇଛି । ଜମ୍ମୁ କଶ୍ମୀର କୁପୁଓ୍ୱାରାକୁ ଯାଇ ଚିନ୍ମୟ କିଭଳି ଚିହ୍ନା ପବନ ଆଉ ଅଚିହ୍ନା ମାଟିର ବାସ୍ନା ବାରୁଛନ୍ତି ସେ ବିଷୟରେ ଲେଖକ କହିଛନ୍ତି, ଯାହା ହୃଦୟସ୍ପର୍ଶୀ। ସ୍ରୋତରେ ରହିଛି ୧୩ଟି ଗପ। ପ୍ରଥମ ଗପ ହେଉଛି କ୍ୟାଣ୍ଟିନ୍‌ର ଜହ୍ନ। ଆଉ ଶେଷରେ ରହିଛି ବାଇସ୍କୋପର ମଣିଷ। ତୃତୀୟଟି ହେଉଛି ଫଗୁଣ ଗୋଧୂଳିର ଶବଯାତ୍ରା ସହ। ଏଥିରେ ୧୪ଟି ଗପ ରହିଛି। ପ୍ରଥମ ଗପ ହେଉଛି କେତୋଟି ବକ୍ରାକ୍ଷର ଅନୁଚ୍ଛେଦର ପୂର୍ବାପର ବର୍ଣ୍ଣନା ଆଉ ଶେଷଟି ହେଉଛି ଦୁଇ ଅଶ୍ୱାରୋହୀ ଅତି ଚମତ୍କାର। ୪ର୍ଥରେ ଉଡନ୍ତା ବାଘର ପଞ୍ଝା ଆଉ ପଞ୍ଚମରେ ରହିଛି କାଚର ସେକ୍ସପିଅର ଓ ମାଟିର ଲେଲିନ୍ । ଏଥିରେ ସ୍ଥାନିତ ଗପ ପାଠକଙ୍କ ହୃଦୟକୁ ଛୁଇଁବ ଆଉ ଭାବିତ କରିବ ।



### କୁଣ୍ଡଳୀ ମେଳକରେ ବିବାହ ଓ ଦାମ୍ପତ୍ୟ ଯୋଗ

ଲେଖକ- ଡ.ଇଂ ଦୀପ୍ତି ରଞ୍ଜନ ପଣ୍ଡା
ଫେଣ୍ଡସ୍ ପବ୍ଲିଶର୍ସ, ବିନୋଦ ବିହାରୀ, କଟକ-୨
ମୂଲ- ୧୦୦ ଟଙ୍କା

ଏଥିରେ ବିବାହ ଓ ଦାମ୍ପତ୍ୟ ସୁଖ, ବିବାହ ମେଳକ, କୁଣ୍ଡଳୀରେ ମାଙ୍ଗଳିକ ଯୋଗ ଏବଂ ଶେଷରେ ରହିଛି ବର ଓ କନ୍ୟାଙ୍କର ବିବାହ ମେଳକ ସାରଣୀ। ବହିର ପ୍ରଥମ ଅଧ୍ୟାୟରେ ବିବାହ, ଦାମ୍ପତ୍ୟ ସୁଖର ବିଭିନ୍ନ ସୂତ୍ର ଆଦି ବିଷୟରେ ଆଲୋଚନା ରହିଛି। ଦ୍ୱିତୀୟ ଅଧ୍ୟାୟରେ ବିବାହ ପୂର୍ବରୁ ବର କନ୍ୟାଙ୍କର କୁଣ୍ଡଳୀର ଦଶମେଳକର ବିଭିନ୍ନ ସୂତ୍ର ଓ ପ୍ରତିକାର ବିଷୟରେ ଆଲୋଚନା କରାଯାଇଛି। ତୃତୀୟ ଅଧ୍ୟାୟରେ କାହାର କୁଣ୍ଡଳୀରେ ମାଙ୍ଗଳିକ ଦୋଷ ଅଛି କି ନାହିଁ କିପରି ଜାଣିବ ସେ ଉପରେ ବିସ୍ତୃତ ଆଲୋଚନା କରାଯାଇଛି। ଚତୁର୍ଥ ଅଧ୍ୟାୟରେ ଘରେ ବସି ବର ସହିତ କନ୍ୟାର ଦଶ ମେଳକର ବିଭିନ୍ନ ସୂତ୍ର ଓ ପ୍ରତିକାର ସହିତ କେଉଁ ବିଷୟକୁ ଗୁରୁତ୍ୱ ଦିଆଯିବ ସେ ବିଷୟରେ ଆଲୋଚନା କରାଯାଇଛି । ପୁସ୍ତକଟି ଜ୍ୟୋତିଷ ଶାସ୍ତ୍ରରେ ରୁଚି ରଖୁଥିବା ବ୍ୟକ୍ତି ବିଶେଷଙ୍କ ଲାଗି ନିଶ୍ଚୟ ଆଦୃତ ହେବ ।



### ପୁଣ୍ୟ ତଟିନିର ତୀର

ଡକ୍ଟର ସୁମନ୍ତ ନାଏକ , ପ୍ରକାଶକ-ସୃଜନ ସ୍ୱପ୍ନ
ବଡଗଡ ବ୍ରିଟ୍ କଲୋନୀ, ବଡଗଡ, ଭୁବନେଶ୍ୱର -୧୮
ମୂଲ୍ୟ- ୧୫୦ଟଙ୍କା

୧୦ଟି ଗଳ୍ପକୁ ନେଇ ପୁଣ୍ୟ ତଟିନିର ତୀର ପୁସ୍ତକ ପ୍ରକାଶିତ। ପ୍ରଥମ ଗପ ହେଉଛି ସ୍ୱପ୍ନାବିଷ୍ଟା। ପ୍ରବୀର ଆଉ ତୃପ୍ତି ଚରିତ୍ରକୁ ଲେଖକ ଚମତ୍କାର ଭାବେ ବର୍ଣ୍ଣନା କରିଛନ୍ତି। ସେହିପରି କୁହୁଡି ଗପରେ କେମିତି କଳିଂଗେଲ ଶବ୍ଦରେ ବିଡିଓ ପ୍ରଦୋଷ ମିଶ୍ରଙ୍କ ନିଦଭାଙ୍ଗି ଯାଉଛି ଆଉ ପ୍ରବଳ ବର୍ଷାରେ ସେ ବ୍ଲକକୁ ଯାଉଛନ୍ତି। କାରଣ ସେଠାରେ କେମିତି ନଈରେ ସ୍କୁଲ ପିଲା ଭାସିଯାଇ ମୃତ୍ୟୁ ହୋଇଛି। ଲୋକେ ସେମାନଙ୍କ ମୃତଦେହ ଆଣି ବ୍ଲକରେ ପହଞ୍ଚିଛନ୍ତି ସେ ବିଷୟରେ ସୁନ୍ଦର ଭାବେ ଉପସ୍ଥାପନା କରାଯାଇଛି। ଯେଉଁ ଗପ ପଢନ୍ତୁ ତାହା ସୁଖପାଠ୍ୟ । ଏହା ଏକ ଜୀବନଧର୍ମୀ ଗଳ୍ପ ସଂକଳନ। ଆଧୁନିକ ମଣିଷର ଜୀବନ ଜଞ୍ଜାଳ, ସମସ୍ୟା ଓ ସମାଧାନ, ପ୍ରେମ ଓ ପ୍ରଣୟ ପୁସ୍ତକର କଥାବସ୍ତୁ । ଗଳ୍ପ ପୁସ୍ତକଟି ନିଶ୍ଚୟ ପାଠକୀୟ ଆଦୃତି ଲାଭ କରିବ ଏଥିରେ ସନ୍ଦେହ ନାହିଁ।



ବ୍ୟାକ୍ ପେଜ୍

# ଏତେ ଉଚ୍ଚା ଟ୍ରାଇ ସାଇକେଲ!

**ଛୋ**ଟବେଳେ ଯେବେ ପିଲାମାନେ ସାଇକେଲ ଚଲାଇବା ଆରମ୍ଭ କରନ୍ତି ତାଙ୍କ ପାଇଁ ପ୍ରଥମେ ଟ୍ରାଇ ସାଇକେଲ ଅଣାଯାଏ। କାରଣ ଏହି ସାଇକେଲ ନିରାପଦ ତଥା ଏହା ଉପରୁ ପଡ଼ିବାର ଆଶଙ୍କା କମ୍ ଥାଏ। ତେବେ ଜାଣନ୍ତି କି ଏମିତି ବି ଏକ ଟ୍ରାଇ ସାଇକେଲ ଅଛି, ଯାହାକୁ ଛୋଟ ପିଲା ଚଲାଇବା ଅସମ୍ଭବ। ବଡ଼ ଲୋକ ବି ଏହାକୁ ଚଲାଇବାକୁ ଡ଼ରିବେ। କାରଣ ଏ ହେଉଛି ପୃଥିବୀର ସବୁଠାରୁ ଉଚ୍ଚା ଟ୍ରାଇ ସାଇକେଲ। ଏହା ଏତେ ଉଚ୍ଚା ଯେ, ଏହାର ସମ୍ପୂର୍ଣ୍ଣ ଉଚ୍ଚତାକୁ ଦେଖିଲେ ବେକ ଭାଙ୍ଗିଗଲା ଭଳି ଲାଗିବ। ଏହାର ଉଚ୍ଚତା ୪୧ ଫୁଟ୍ ୭ଇଞ୍ଚ ହୋଇଥିବାବେଳେ ଲମ୍ବ ୩୭ ଫୁଟ୍ ୪ ଇଞ୍ଚ ଓ ଚକଗୁଡିକର ବ୍ୟାସ ୧୭ ଫୁଟ୍। ଏହି ଟ୍ରାଇ ସାଇକେଲ ଗିନିଜ ୱାର୍ଲଡ ରେକର୍ଡସ୍‌ରେ ସବୁଠାରୁ ଉଚ୍ଚା ଟ୍ରାଇ ସାଇକେଲର ମାନ୍ୟତା ପାଇଛି। ହାଇଦ୍ରାବାଦର କେ. ସୁଧାକର ନାମକ ବ୍ୟକ୍ତି ଏହାକୁ ତିଆରି କରିଛନ୍ତି। ଏହାକୁ ତିଆରି କରିବା ପାଇଁ ତାଙ୍କୁ ଦୁଇ ବର୍ଷ ଲାଗିଯାଇଥିଲା। ୨୦୦୫, ଜୁଲାଇ ୧ ତାରିଖରେ ସେ ଏହାକୁ ବାହାଦୁରପୁରରେ ୫୦ ମିଟର ଯାଏ ଚଲାଇଥିଲେ। ଏହି ସାଇକେଲ ବାଦ୍ କେ. ସୁଧାକର ଅନେକ ଅଜବ ଓ ବିରାଟକାୟ କାର୍ ତିଆରି ପାଇଁ ମଧ୍ୟ ପ୍ରସିଦ୍ଧ।






# ଅପ୍ଟିକାଲ ଇଲ୍ୟୁଜନ ଆର୍ଟ



**ଚା**ଇନା, ସିଚୁଆନ ପ୍ରାନ୍ତର ଲି ଜିଆୟୁଙ୍କର ପିଲାଟି ଦିନରୁ ଆର୍ଟ ପ୍ରତି ଥିଲା ଅହେତୁକ ଦୁର୍ବଳତା। ତେଣୁ ସେ ଇଲେକ୍ଟ୍ରିକାଲ ଅଟୋମେଶନ୍ ପଢିଥିଲେ ହେଁ କ୍ୟାରିୟର ଗଢିଲେ ଚିତ୍ର କଳାରେ। ମନରେ ତାଙ୍କର ସବୁବେଳେ ଥାଏ କେମିତି କିଛି ଭିନ୍ନ ଓ ସମସ୍ତଙ୍କୁ ଆକର୍ଷିତ କଲାଭଳି ଅପ୍ଟିକାଲ ଇଲ୍ୟୁଜନ ଆର୍ଟ କରିବେ। ସେ ଲ୍ୟାମ୍ପପୋଷ୍ଟ, ବଡ଼ ବଡ଼ ଗଛର ଗଣ୍ଡି, ଏମିତିକି ବିଲ୍ଡିଂର କାନ୍ଥ ଉପରେ ଏଭଳି ଇଲ୍ୟୁଜନ ପେଣ୍ଟିଂ କରନ୍ତି ଯେ, ସେହି ଲ୍ୟାମ୍ପପୋଷ୍ଟ ଅବା ଗଛ ଗଣ୍ଡି ଟ୍ରାନ୍ସପରେଣ୍ଟ ଲାଗେ ଓ ପଛପଟେ ଥିବା ଜିନିଷ ଦେଖାଗଲା ଭଳି ଅନୁଭବ ହୁଏ। ପ୍ରକୃତରେ କିନ୍ତୁ ସେ ନିଜର ଅପ୍ଟିକାଲ ଇଲ୍ୟୁଜନ ଆର୍ଟ ମାଧ୍ୟମରେ ଗଛ ଗଣ୍ଡି, ଲ୍ୟାମ୍ପ ପୋଷ୍ଟ ଉପରେ ଅବିକଳ ବ୍ୟାକ୍ ଗ୍ରାଉଣ୍ଡର ପେଣ୍ଟିଂ କରିଥାଆନ୍ତି। ବିଲ୍ଡିଂ କାନ୍ଥରେ ଷଣ୍ଢ ଦୌଡୁଥିବାର ଏକ ପେଣ୍ଟିଂ ତ ପୂରାପୂରି ବାସ୍ତବ ଲାଗେ। ମନେହୁଏ ସତେ ଯେମିତି ଷଣ୍ଢଟି ଭାସମାନ ଅବସ୍ଥାରେ ଦୌଡୁଛି। ତାଙ୍କ ପେଣ୍ଟିଂ ଏତେ ଡିଟେଲ୍ଡ ହୋଇଥାଏ ଯେ, କେଉଁଟି ବ୍ୟାକଗ୍ରାଉଣ୍ଡ ଓ କେଉଁଟି ପେଣ୍ଟିଂ ଜାଣି ହୁଏନା।







# ରାତିକୁ କରିବେ ଦିନ

**ଜା**ଣି ଆଶ୍ଚର୍ଯ୍ୟ ହେବେ ଏବେ ରାତିକୁ ଦିନ କରିବା ଆପଣଙ୍କ ହାତର କଥା ହୋଇଯିବ। ଭାବୁଥିବେ ଏହା କେମିତି ସମ୍ଭବ! ବିଶ୍ୱାସ ନ ହେଲେ ବି ଏହା ସତ। ଆଉ ଏହା ସମ୍ଭବ ହେବ ପୃଥିବୀର ସବୁଠାରୁ ଉଜ୍ଜ୍ୱଳ ଫ୍ଲାସ୍ ଲାଇଟ୍ ବ୍ୟବହାର କରି। ଇମାଲେଣ୍ଟ ଏମ୍ଏସ୍ ୩୨ ନାମକ ଏହି ଫ୍ଲାସ୍‌ଲାଇଟ୍ ଏତେ ଉଜ୍ଜ୍ୱଳ ଯେ, ରାତିର କିଟ୍‌ମିଟ୍ ଅନ୍ଧାରରେ ଏହାର ଆଲୋକ ଗୋଟେ ପାହାଡର ଅର୍ଦ୍ଧେକ ଭାଗକୁ ପୂରାପୂରି ଔଜ୍ଜ୍ୱଲ୍ୟମାନ କରିଦେଇପାରେ। ଏହାର ବ୍ରାଇଟନେସ୍ ହେଉଛି ୨୦୦,୦୦୦ ଲ୍ୟୁମେନ୍‌ସ, ଯାହା ୪୦୦,୦୦୦ ଲ୍ୟୁମେନ୍ସ ପର୍ଯ୍ୟନ୍ତ ବି ବଢିପାରେ। ଏହାର ଆଲୋକ ୧୬୧୮ ମିଟର ଦୂର ପର୍ଯ୍ୟନ୍ତ ପହଞ୍ଚିପାରେ। ଏହାର ରିପ୍ଲେସେବଲ୍ ବ୍ୟାଟେରି ଥରେ ଫୁଲ୍ ଚାର୍ଜ ହେଲେ ୧୦୦-୩୪୫ ଘଣ୍ଟା ପର୍ଯ୍ୟନ୍ତ ରହେ। ଏଥିରେ ଭଲ କୁଲିଂ ସିଷ୍ଟମ ବି ଅଛି। ଯାହା ଉତ୍ତାପକୁ ନିର୍ଗତ କରି ଫ୍ଲାସ୍‌ଲାଇଟ୍‌କୁ ଘଣ୍ଟା ଘଣ୍ଟା ପର୍ଯ୍ୟନ୍ତ କାର୍ଯ୍ୟକ୍ଷମ କରାଏ। ଏହାର ମୂଲ୍ୟ ୬୨୦୦୦ ଟଙ୍କା।